# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା



ଅଗଷ୍ଟ, ୨୦୧୯
ଏକାଦଶ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଅଗଷ୍ଟ, ୨୦୧୯ ଏକାଦଶ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ପ୍ରଚ୍ଛଦପଟ୍ଟ**

ଶୁଭଶ୍ରୀ ପଣ୍ଡା

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା
ଜହ୍ନିତଇଳା, ବାରଦା, ଢେଙ୍କାନାଳ
ଇମେଲ୍-editor@preranaodia.com,ଦୂରଭାଷ–8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଅଗଷ୍ଟ ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଅଗଷ୍ଟ ୨୦୧୯ ସଂସ୍କରଣର ବିଜେତା ଲେଖକ ଅମ୍ରିତେଶ ଖଟୁଆଙ୍କୁ ଅଭିନନ୍ଦନ । ଲେଖକଙ୍କ କଲମରୁ...

ମହୋଜ୍ଜ୍ୱଳ-ରଞ୍ଜିତା ଗୋ ଭାରତ ଜନନୀ

କର କମଳେ ତବ ବିଜୟ ନିକେତନ ପୁଣି

ତିନି ରଙ୍ଗେ ନ୍ୟାୟ ବରି ବିକଚ କାରିଣୀ

କେଶର-ଶ୍ୱେତ-ସବୁଜେ ବିଶ୍ୱ ନିଦର୍ଶିନୀ,

ଚରଣ ପ୍ରକ୍ଷାଳେ ଶୁଭେ ପବିତ୍ର ବାରିଧି

ଚରାଚରେ ବନ୍ଦେ ଭାରତ ତବ ଅଦ୍ୟାବଧି ॥



ଅମ୍ରିତେଶ ଖଟୁଆ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍ ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...

ଯାହାଙ୍କ କୃତି ଅଷ୍ଟାଦଶ ଶତାବ୍ଦୀର ଓଡିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିଲା; ଯେଉଁ ସାହିତ୍ୟିକ ଓଡିଆ ଭାଷା ବ୍ୟତିତ ସଂସ୍କୃତ, ପ୍ରାକୃତ, ହିନ୍ଦୀ, ବଙ୍ଗଳା, ଓ ତେଲୁଗୁ ଆଦି ପାଞ୍ଚଟି ଭାଷାରେ ନିଜର ପ୍ରଭୁତ ବିସ୍ତାରକରି ଉଚ୍ଚକୋଟିର କାବ୍ୟାଦି ରଚନା କରିପାରିଥିଲେ; ଯାହାଙ୍କ ରଚିତ "ଚତୁର ବିନୋଦ" ପୁସ୍ତକରୁ ଦୁଇଶହ ପଚାଶ ବର୍ଷ ତଳର ଓଡିଆ ଭାଷା ଓ ଗଦ୍ୟସାହିତ୍ୟର ମୂଲ୍ୟ ନିର୍ଦ୍ଧାରଣ କରାଯାଏ; ଯିଏ ନିର୍ଭୀକ, ସ୍ୱାଧିନଚେତା ଓ ସ୍ୱଷ୍ଟବାଦୀ ; ଯମକ, ଅନୁପ୍ରାସ, ଅବନା, ଦତ୍ତ-ଚ୍ୟୁତାକ୍ଷର ଓ ବିରୋଧାଭାଷ ସାଙ୍ଗକୁ ଉପଧା ମିଳନ ଆଦିର ପ୍ରୟୋଗରୁ ଯାହାଙ୍କ କବି ପ୍ରତିଭାର ପରିଚୟ ମିଳେ; ଉତ୍କଳ ଭାଷା ସାହିତ୍ୟର ସେହି ଅଲୌକିକ ସାହିତ୍ୟିକ ବ୍ରଜନାଥ ବଡଜେନାଙ୍କ ସାହିତ୍ୟ ସର୍ଜନା ବିଷୟରେ ଆଲୋଚନା କରିବା ଅତ୍ୟନ୍ତ ସୌଭାଗ୍ୟର ବିଷୟ ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରତିଭାଶାଳୀ କବି ବ୍ରଜନାଥ ବଡ଼ଜେନା ଢେଙ୍କାନାଳ ଅଧିବାସୀ ରଘୁ ଅରକ୍ଷିତଙ୍କର ବଂଶଧର ଥିଲେ । କବିଙ୍କ ରଚିତ ସମରତରଙ୍ଗ ଓ ଅମ୍ବିକାବିଳାସ ଆଦି କାବ୍ୟର ଭଣିତାରୁ ତାଙ୍କ ସ୍ୱବଂଶର ପରିଚୟ ମିଳେ । ରଘୁ ଅରକ୍ଷିତ ଅତି ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ କୈଶୋର ଅବସ୍ଥାରେ ପିତାମାତାଙ୍କ ଦେହାନ୍ତ ଯୋଗୁଁ ଶ୍ରୀକ୍ଷେତ୍ରରେ ଅରକ୍ଷିତ ନାମରେ ଭିକ୍ଷାର୍ଜନ କରି ଦାରିଦ୍ରତା ପୂର୍ଣ୍ଣ ଜୀବନ ବିତାଉଥିଲେ । କବିଙ୍କ ରଚନାରୁ...

ଅଛି ଯା ବିଖ୍ୟାତ ରଘୁ ଅରକ୍ଷିତ ଭକତ ଅର୍ଚ୍ଚିତ ସେ ତ

ଅମ୍ବା ପିତା ଦୁଇ ଶୈଶବେ ହରାଇ ନାମ ବହିଲେ ଅର୍କ୍ଷିତ ।

ଅନ୍ତକ ନୟନ ଅବଧିତଟ ପୁଣ୍ୟ-ଧାମ ଶ୍ରୀପୁରୁଷୋତ୍ତମେ

ଅସିତ ଅଦ୍ରୀଶ ଆଶ୍ରିତରେ ବାସ କରିଗଲେ ସୁରଧାମେ ॥

ପରବର୍ତ୍ତୀ ସମୟରେ ତାଙ୍କ ବଂଶଧର ଢେଙ୍କାନାଳ ନିବାସୀ ହୋଇଥିଲେ । କେଳିକଳାନିଧିରେ କବି କହିଛନ୍ତି...

ଶ୍ରୀକ୍ଷେତ୍ରବରେ ପୂର୍ବ ନିବାସ ଥିଲା
ବିଧିବଶରେ ସେହୁ ଅନ୍ତର ହେଲା ।
ତହୁଁ କେତେ କାଳ ଗଲା ଓଡ଼ିଶାରେ
ଷଷ୍ଠ ପୁରୁଷ ହେଲା ଢେଙ୍କାନାଳରେ ଯେ ॥

୧୮୭୧ ଖୀଷ୍ଟାବ୍ଦରେ ଇତିହାସ ପ୍ରସିଦ୍ଧ ମରହଟ୍ଟା-ଢେଙ୍କାନାଳ ଯୁଦ୍ଧ କବିଙ୍କ ବ୍ୟକ୍ତିଗତ ଅନୁଭୂତି । ଏହାକୁ ନେଇ କବିଙ୍କ ସମରତରଙ୍ଗ କାବ୍ୟର ସୃଷ୍ଟି । ଏହା ରାଜା ତ୍ରିଲୋଚନଙ୍କ ଦ୍ୱାରା ବହୁପ୍ରସଂଶିତ ହୋଇଥିଲା । ଅନୁଗ୍ରହ ସଦୃଶ ସେ ଗ୍ରାମାଦି ପୁରସ୍କୃତ ମଧ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ରାଜାଙ୍କର ବିରାଗଭାଜନ ହୋଇଥିଲେ । ଏହା ତାଙ୍କର ଛଳୋକ୍ତି ପୂର୍ଣ୍ଣ ପଦ୍ୟାଂଶରୁ ସ୍ୱଷ୍ଟ ଅନୁମେୟ ହେଉଛି ।

ସାତ ବରଷ ହୋଇଲା ସାତପଣ ଶ୍ରୀଛାମୁରୁ ନ ପାଇଲି
ନିମକହାରାମ ହୋଇ କଉଁ କାମ କୋଠରେ ବା ହାନି କଲି

ଏହାପରେ କବି ଢେଙ୍କାନାଳ ଛାଡି ପୁରୀ ଚାଲି ଯାଇଥିଲେ । ସେଠାରେ ପୁରୀ ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା କରିଥିଲେ ।

ଦାରିଦ୍ରତା ଯୋଗୁଁ ଅର୍ଥାନ୍ୱେଷଣ ପାଇଁ କବି ବ୍ରଜନାଥ ବିଭିନ୍ନ ରାଜ୍ୟ ଭ୍ରମଣ କରୁଥିଲେ । ଏହି କ୍ରମେ ତାଙ୍କର ଶ୍ରେଷ୍ଠତମ କାବ୍ୟ ଅମ୍ବିକାବିଳାସକୁ କେନ୍ଦୁଝର ରାଜାଙ୍କ ନାମରେ ଭଣତି କରିଥିଲେ । ଏହି କାବ୍ୟର ଷଟତ୍ରିଂଶ ଛାନ୍ଦରେ ତାଙ୍କର ସଂସ୍କୃତ, ପ୍ରାକୃତ, ବଙ୍ଗଳା ଆଦି ଭାଷା ରଚନାର ପାରଦର୍ଶିତା ପ୍ରମାଣିତ ହୁଏ । ପଦ୍ୟ ସାହିତ୍ୟରେ କବି ଉତ୍କଳର ଅନ୍ୟାନ ଛାନ୍ଦ ସାହିତ୍ୟରଥିମାନଙ୍କର ପଦର୍ଶିତ ମାର୍ଗରେ ଲେଖନୀ ଚାଳନା କରିଥିବା ଅନୁମେୟ ହୁଏ । ତାଙ୍କ ଦ୍ୱାରା ରଚିତ ବିଭିନ୍ନ କାବ୍ୟ ମଧ୍ୟରେ କେଳିକଳାନିଧି, ବିଦେଶ ଅନୁଚିନ୍ତା, ଦଶପୋଇ, ଗୋପୀବିଳାପ, ଅମ୍ବିକାବିଳାସ, ସମରତରଙ୍ଗ, ଶ୍ୟାମରାସୋତ୍ସବ, ଚଣ୍ଡୀମାଳିଶ୍ରୀ, ରାଜନଙ୍କୁ ଛଳଉକ୍ତି ଆଦି ସୃଷ୍ଟି କବିଙ୍କ ବହୁମୂଖୀ ପ୍ରତିଭା, ବହୁଶାସ୍ତ୍ରଦର୍ଶିତା ଓ ଅନ୍ୟାନ ଭାଷାରେ ପ୍ରଭୂତ ଆଦିର ପରିଚୟ ଦିଏ ।

ସେହିପରି ଆଜକୁ ପ୍ରାୟ ଦୁଇଶହ ପଚାଶ ବର୍ଷ ତଳେ ଯେତେବେଳେ ଓଡିଆରେ ପ୍ରାଦେଶିକ ଭାଷାରେ ଗଦ୍ୟ ରଚନାର ଆଭାସ ବି ନ ଥିଲା ସେତେବେଳେ କବିଙ୍କ ଚତୁର ବିନୋଦ ପରି ସରଳ ଗଦ୍ୟ ଗ୍ରନ୍ଥ ରଚନା କମ୍ ସୌଭାଗ୍ୟ ଓ କୃତିତ୍ୱର ବିଷୟ ନୁହଁ । ଏହି ଗ୍ରନ୍ଥରୁ ତାଙ୍କ କଳ୍ପନାଶକ୍ତି କେତେ ସୁଦୂରପ୍ରସାରୀ ଥିଲା ତାହା ଅନୁମେୟ କରାଯାଇ ପାରେ । ସାଂପ୍ରତିକ ଅହଂକାର ପ୍ରଲୁବ୍ଧ ଓ ଅସୂୟା ବିଜଡିତ ସମାଜରେ କବିଙ୍କ ରଚିତ ମୂଲ୍ୟବୋଧ ଭିତ୍ତିକ ଆଦର୍ଶ ରଚନା ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସ୍ୱକୀୟ କାବ୍ୟ କୃତିତ୍ୱ ଓ ଗୁଣ ଗାରିମାରେ ସମାଦୃତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

**ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୨୧ |
| | **ପଦ୍ୟ ବିଭାଗ** | | |
| ୧. | ଶିବ ବିବାହ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୪ |
| ୨. | ଶୁଭ୍ରତାର ସ୍ପର୍ଶ ଦେବା | ସଂଯୁକ୍ତା ରାଉତ | ୨୬ |
| ୩. | ସରଗ ହେବକି ଧରଣୀ | ସୂର୍ଯ୍ୟମଣି ମାଝୀ | ୨୯ |
| ୪. | କୃଷ୍ଣଚୂଡ଼ା | ମଞ୍ଜୁଲତା ସିଂ | ୩୧ |
| ୫. | ମୋ କଳା ମାଣିକରେ | ଶିବ ଚରଣ ମହାପାତ୍ର | ୩୪ |
| ୬. | ବର୍ଷା ଭିଜା ସନ୍ଧ୍ୟା | ସୋନାଲି ସ୍ୱାଇଁ | ୩୯ |
| ୭. | ତୁମେ ବନ୍ଧୁ ସଖା ତୁମେ | ତପସ୍ୱିନୀ ଦାଶ ଷଡଙ୍ଗୀ | ୪୨ |
| ୮. | ଅଝଟ ମନର ପ୍ରଶ୍ନ | ଲିପ୍ସା ଆଚାର୍ଯ୍ୟ | ୪୫ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | କେହି ଯଦି କେବେ ପଚାରେ ମୋ ଠିକଣା | ତମନ୍ନା ନନ୍ଦ | ୪୮ |
| ୧୦. | ଅଫେରା ପକ୍ଷୀ | ରିଙ୍କି ପଧାନ | ୫୧ |
| ୧୧. | ଜୀବନର ସତ୍ୟ | ଅବିନାଶ ବେହେରା | ୫୬ |
| ୧୨. | ନୀଳ ଜହ୍ନ ଓ ଲାଲ୍ କଇଁ | ପୂର୍ଣ୍ଣିମାରାଣୀ ସାହୁ | ୫୯ |
| ୧୩. | ଆସ ଗୋ ଶ୍ରାବଣ ସୀମନ୍ତିନୀ | ଅମ୍ରିତେଶ ଖଟୁଆ | ୬୧ |
| ୧୪. | ଆଉ ଏକ ସକାଳର ଅପେକ୍ଷାରେ | ନୂତନ କୁମାର ବେହେରା | ୬୩ |
| ୧୫. | ଅବଶୋଷ | ସରୋଜ ମହାପାତ୍ର | ୬୭ |
| ୧୬. | ସମୀକରଣ ଜୀବନର | ଅମିତ ନାରାୟଣ ଶତପଥୀ | ୭୦ |
| ୧୭. | କୋଣାର୍କ | ହୃଦୟାନନ୍ଦ ପଧାନ | ୭୨ |
| ୧୮. | ସନ୍ଧ୍ୟାର ସଂଳାପ | ଅଲେଖ ଚନ୍ଦ୍ର ବେହେରା | ୭୫ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୯. | କଠୋର ସତ୍ୟ | ରୋଜା ପଣ୍ଡା | ୭୮ |
| ୨୦. | ସମର୍ପଣ | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୮୧ |
| ୨୧. | ମୁଁ ମରି ଯାଇଛି | ସାଇ ସୁଦୀପ ଦାସ | ୮୫ |
| ୨୨. | ଜୀବନ | ଶୁଭଲକ୍ଷ୍ମୀ ମହାପାତ୍ର | ୯୨ |
| ୨୩. | ଆରିସା ପିଠା | ଫକୀର ମୋହନ ମହନ୍ତ | ୯୪ |
| ୨୪. | ଢେଙ୍କାନାଳ ମୋ ଘର | ସମ୍ବିତ୍ ସତ୍ୟପ୍ରକାଶ | ୯୬ |
| ୨୫. | ବାସହରା ଆଜି ଘରଚଟିଆ | ରଞ୍ଜିତା ଦାସ | ୯୮ |
| ୨୬. | ଏଇ କଣ ସ୍ୱାଧୀନତା | ପ୍ରଶାନ୍ତ କୁମାର ବେହେରା | ୧୦୦ |
| | **ଗଦ୍ୟ ବିଭାଗ** | | |
| ୨୭. | ଭାବନାର ଅନ୍ତରାଳେ | ରାଜୀବ ଲୋଚନ ସାହୁ | ୧୦୬ |
| ୨୮. | ଭଡାଘର | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୧୧୧ |
| ୨୯. | ଭାଇ | ସତ୍ୟ ରଞ୍ଜନ ମିଶ୍ର | ୧୩୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ଦୁଇଟି ସମାନ୍ତରାଳ ସରଳରେଖା | ତପସ୍ୱିନୀ ଦାଶ ଷଡଙ୍ଗୀ | ୧୩୬ |
| ୩୧. | ବାଲୁଙ୍ଗା | ସରୋଜ ମହାପାତ୍ର | ୧୪୦ |
| ୩୨. | ଘର | ରାଜେଶ କୁମାର ବାରିକ | ୧୪୪ |
| ୩୩. | ଆତ୍ମୀୟତା | ତମନ୍ନା ନନ୍ଦ | ୧୪୭ |
| ୩୪. | ଏକ ଜହ୍ନ ରାତି | ରଶ୍ମି ରଞ୍ଜନ ନାୟକ | ୧୪୯ |
| ୩୫. | ଦଲକାଏ ଫଗୁଣ | ଶିବ ଚରଣ ମହାପାତ୍ର | ୧୫୧ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବିୟତ୍ରୀ...

**ନାମ :** ଚିନ୍ମୟୀ ମିଶ୍ର

**ଜନ୍ମ ତାରିଖ :** ୨୦/୬/୧୯୪୯

**ଠିକଣା :** ପ୍ରାଚୀ ବିହାର, ଭୁବନେଶ୍ୱର- ୭

**ଶିକ୍ଷା :** ୧୦ମ ପାଶ୍



**ଉଲ୍ଲେଖନୀୟ ସଫଳତା** : ଓଡିଆ ଭଜନ କ୍ୟାସେଟ୍ "କଳା କାଇଁଚ ମାଳିଆ", ଆଧୁନିକ ଆଲବମ୍ "ସହରୀ ବାଲି"ରେ ନିଜସ୍ୱ ସୃଷ୍ଟିର ପ୍ରଦର୍ଶନ । ପୁରୀ ଆକାଶବାଣୀରେ ନାଟକ "ସତ୍ୟମେବ ଜୟତେ", ନିଜସ୍ୱ ପ୍ରବନ୍ଧ "ପ୍ରକୃତିର ପରିବେଷଣ", କଟକ ଆକାଶବାଣୀର ଶିଶୁ ସଂସାର କାର୍ଯ୍ୟକ୍ରମରେ ନିଜସ୍ୱ ରଚନା ଜୀବେଦୟା, କଳିର ଫଳ ଓ ଜନମଭୂଇଁ ଗୀତ ଉପସ୍ଥାପନା ।

**୧. ଆପଣଙ୍କ ପ୍ରେରଣାର ଉତ୍ସ** : ମୋ ନନା, ବିବାହ ପରେ ମୋ ସ୍ୱାମୀଙ୍କ, ପୁଅ, ବୋହୂ, ଦୁଇ ଝିଅ, ଦୁଇ ଜ୍ୱାଇଁ ଓ ଭାଇଭଉଣୀ ମାନଙ୍କ ପ୍ରେରଣା ମୋ ମନରେ ଲେଖିବାର ଆଗ୍ରହ ସୃଷ୍ଟିକରେ ।

**୨. ପ୍ରିୟ ପୁସ୍ତକ :** ଯାଜ୍ଞସେନୀ

**୩. ପ୍ରିୟ ଲେଖକ/ଲେଖିକା :** ପ୍ରତିଭା ରାୟ, ମନୋଜ ଦାସ

**୪. ଆପଣଙ୍କ ସାହିତ୍ୟ ସର୍ଜନା ବିଷୟରେ ସାମ୍ୟକ ବିବରଣୀ :** ପାଖା ପାଖି ୫୦୦ରୁ ଉର୍ଦ୍ଧ୍ୱ ସର୍ଜନା ଭିତରେ "ସମୟ ନାହିଁ", "କଥାକୁହା ଚଢେଇ", "ଉଜ୍ଜ୍ୱଳ ଜ୍ୟୋତିଷ୍କ", "ଜୀବେଦୟା", "କଳିର ଫଳ" ଓ "ଜନମ ଭୂଇଁ" ଇତ୍ୟାଦି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଅଛି ।

**୫. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ମୁଁ କହିବି ସାହିତ୍ୟର ସ୍ଥିତି ଭଲଅଛି । ଆଜିକାଲି ଅନେକ ଯୁବ ଲେଖକ/ଲେଖିକା ତାଙ୍କ କଲମର ଯାଦୁଗରୀ ଦେଖାଉଛନ୍ତି । ଅନେକ ଶିଖିବାକୁ ମିଳୁଛି । କିନ୍ତୁ କେତେକାଂଶରେ ଅଶ୍ଳୀଳତା ଦେଖି ମନରେ କ୍ଷୋଭ ଆଉ ଦୁଃଖ ପ୍ରଦର୍ଶନ ହୁଏ ।

**୬. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ଆଜିର ଏ କମ୍ପୁଟର ଯୁଗରେ ଲୋକେ ମୋବାଇଲରେ ସହଜ ଓ ସୁବିଧାରେ ଏହି ପତ୍ରିକାକୁ ପଢି ପାରୁଛନ୍ତି । ତେଣୁ ଏହା ଯୁଗୋପଯୋଗୀ ପତ୍ରିକା ଅଟେ । ଭଗବାନ କରନ୍ତୁ ଏ ପତ୍ରିକା ସଫଳତାର ଚରମ ସୀମାରେ ପହଞ୍ଚୁ ଏତିକି କାମନା ।

*****

# ପଦ୍ୟ ବିଭାଗ

*"ନବୀନା ଚକୋରୀ-ଭ୍ରାନ୍ତି ବିଳାସିନୀ*
*ଦିବ୍ୟାଙ୍ଗନା ତାରା-ତରଳ ହାସିନୀ ।*
*ଦିବୁଁ ଅବତରି ଆସଇ ରଜନୀ*
*ସଙ୍ଗେ ଘେନି ଚାରୁ ଚନ୍ଦ୍ରିକା-ସଜନୀ ।।"*

**ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ**



# ଶିବ ବିବାହ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଆର୍ଯ୍ୟାବର୍ତ୍ତ ଶିରେ ତୁଷାର ଧବଳ

ଶୋହେ ଗିରି ହିମାଳୟ ।

ବିଶ୍ୱେ ସାର୍ବଭୌମ ଯା' ବିଶାଳ ତନୁ

ଶାଶ୍ୱତ ଗୌରବ ମୟ ॥

ଉଦିଚୀ-ପ୍ରାଚୀର- ପ୍ରାୟେ ସୁରୁଚିର

ଘେନି ଶୃଙ୍ଗ ଶତ ଶତ ।

ଅବାଞ୍ଛିତ ବାୟୁ- ଜଳଧର ଗତି

କରେ ନିତି ପ୍ରତିହିତ ॥

ଅବା ପର୍ଯ୍ୟଟନ- କରିବାକୁ ଏହି

ମର୍ତ୍ତ୍ୟର ସୌନ୍ଦର୍ଯ୍ୟ ମାନ ।

ତ୍ରିଦିବ ଲଲନା ପାଇଁ ବିଧିସିନା
ଗଢ଼ିଛି ଶୈଳ- ସୋପାନ ॥
ଭବତଳେ ବିଭୁ- କରୁଣା ମହାନ
ହୋଇଛି କି ମୂର୍ତ୍ତିମନ୍ତ ।
ଶୋହେ ଯୁଗ ଯୁଗ ଯା' ନିର୍ଝର ତନୁ
ଭାଙ୍ଗି କାଳ ତୀକ୍ଷଣଦନ୍ତ ॥
ବଡ଼ ଭାଗ୍ୟବନ୍ତ ଭବେ ହିମବନ୍ତ
ପାଇ ଏ ମହା-ପ୍ରଶସ୍ତି ।
ମେନା ସଙ୍ଗେ ସୁଖେ କାଟୁଥାନ୍ତି କାଳ
ସ୍ୱପୁରେ ଶୈଳ-ଦମ୍ପତି ॥

*****

ଜହ୍ନିତଇଳା, ଢେଙ୍କାନାଳ



# ଶୁଭ୍ରତାର ସ୍ୱର୍ଣ୍ଣ ଦେବା

ସଂଯୁକ୍ତା ରାଉତ

ଜାଗି ଉଠ ଆଜି ହେ ଉତ୍କଳ ବୀର
ତେଜିଣ ଭୀରୁତାପଣ,
କର୍ଣ୍ଣ ପାରି ଶୁଣ ଦିଗବଳୟୁ ଶୁଭେ
ଅତୀତର ଜୟ ଗାନ ॥

ଛାଡି ସ୍ୱାର୍ଥ ଦ୍ୱେଷ ଏକତା ମନ୍ତ୍ରରେ
ଦୀକ୍ଷିତ ହୁଅରେ ସର୍ବେ,
ଚେତନାରେ ନବ ଜାଗରଣ ଦୀପ୍ତି
ପ୍ରଜ୍ୱଳିତ ହେଉ ଭବେ ॥

ଗଉରବ ଭରା  ଇତିହାସ ଆମ
ଏ ଧରାରେ ବନ୍ଦନୀୟ,
ଅସୀମ ପ୍ରତିଭା ବଳେ ବଳୀୟାନ
ଥିଲେ ଦିନେ ଉତ୍କଳୀୟ  ॥

ଆତ୍ମବଢ଼ିମା ତ  ନଥିଲା ତାଙ୍କର
ଥିଲେ ସିଏ ଜାତିସ୍ମର,
ଆତ୍ମବଳୀ ଦାନେ ଜାତିର କଲ୍ୟାଣେ
ବୋଲାଇଲେ ମହାବୀର  ॥

ତାଙ୍କରି ଔରସୁ  ଜନମିଣ ଆମେ
କାହିଁକିରେ ପଛ ଘୁଞ୍ଚା,
ରକତ ନିଗାଡ଼ି  ପୂର୍ଣ୍ଣ କର ଆଜି
ମାଟି ମାଆ ମନ ବାଞ୍ଛା  ॥

ଜୀବନ ଦୀପାଳି ଲିଭିବା ଆଗରୁ
ସୁସୁପ୍ତିରୁ ଉଠ ଜାଗି,
ନିର୍ଭୟ ଅନ୍ତରେ ଦୁର୍ଜୟ ବୀରଟେ
ସାଜିବା ଏ ମାଟି ଲାଗି ॥

ଯୁଗ ଯନ୍ତ୍ରଣାକୁ କରି ପଦାଘାତ
ଅମୃତ ପରଷି ଦେବା,
ଜାଗୃତିର ନବ ଅରୁଣ ବିଭାରେ
ଶୁଭ୍ରତାର ସ୍ପର୍ଶ ଦେବା ॥

*****

ଜୟପୁର, କୋରାପୁଟ



# ସରଗ ହେବକି ଧରଣୀ

ସୂର୍ଯ୍ୟମଣି ମାଝୀ

ଅନନ୍ୟ ସୃଷ୍ଟିଟି ଏହାରି ଭିତରେ
ଅନେକ ବଦଳି ଗଲାଣି
କଳିର କଳୁଷ  କରି କବଳିତ
କାୟାକୁ ବିସ୍ତାର କଲାଣି  ॥୧

ସେନେହ ମମତା ସହୋଦର ଭାବ
ସଂସାରେ ସପନ ହେଲାଣି
ହିଂସା ଈର୍ଷା ଦ୍ୱେଷ ପରଶ୍ରୀକାତର
ହୀନ ବୁଦ୍ଧି ଗ୍ରାସ କଲାଣି  ॥୨

ନରର ମନରୁ ନାରାୟଣ ପ୍ରେମ
ଖୋଜିଲେ ବି ଆଜି ମିଳୁନି
ମାନବ ମାନବୀ ସ୍ୱ-ପ୍ରବଣତାଟି
ଅହେତୁକ ଭାବେ କମିନି ॥୩

ବସ୍ତୁବାଦୀ ହୋଇ ଆଧୁନିକ ଜନ
ପ୍ରକୃତି ପ୍ରାକୃତ ଭୁଲିଛି
ଆପଣାର ଦନ୍ତେ ଜିହ୍ୱାକୁ ଛେଦିଣ
ଶ୍ରେଷ୍ଠ ଜୀବ ବୋଲି କହୁଛି ॥୪

ନିଜର ପ୍ରାରବ୍ଧ ନିଜ କର୍ମ ବଳେ
ଜ୍ଞାନ ପଥେ ହୋଇ ଅଗ୍ରଣୀ
ସତ୍କର୍ମର ମାର୍ଗ କରିଲେ ଧାରଣ
ସରଗ ହୋଇବ ଧରଣୀ ॥୫

ଲାଠିପଡା , ନୟାଗଡ଼

*****



# କୃଷ୍ଣଚୂଡ଼ା

ମଞ୍ଜୁଲତା ସିଂ

କେତେ ଯେ ବିଭୋରପଣ

କମନୀୟ ତୁମ ବର୍ଣ୍ଣବିଭାରେ..

କେତେ ଯେ ମାଦକ ଭରା

ତୁମ ସମ୍ମୋହନୀ ଚାହାଁଣୀ..

ତପ୍ତ ନିଦାଘର ଜ୍ୱଳନରେ ଜଳି ଜଳି

କିପରି ଯେ ପରିତୃପ୍ତିର ହସ ଧାରେ

ତୁମର ସେ ନାଲି ଓଠେ..

ତପ୍ତ କାଞ୍ଚନ ପରି ଝଲମଲ ତୁମ ରଙ୍ଗର ରୋଷଣୀ..

ହସୁଥାଅ ପଥପ୍ରାନ୍ତେ ଅପୂର୍ବ ବର୍ଣ୍ଣାଳୀର ଅନୁପମ ଛିଟାରେ..

କାହା ଅପେକ୍ଷାରେ...??

ପ୍ରତିଟି ପାଖୁଡା ଛୁଇଁ ବରଷା ବି ଝରୁଥାଏ ଟପ୍ ଟପ୍...

ରଙ୍ଗ ଟିକେ ଧୋଇ ନେଇ ଲେଖୁଥାଏ
ମାଟିର ଧୂସର ଛାତିରେ..
କାହା ଆଗମନୀ ବାର୍ତ୍ତା...??
କାହା ପାଇଁ ତୁମର ଏ ବଧୂ ବେଶ..??
ନାଲି ସାମିଆନା ତଳେ ତୁମର ସେ
ମଖମଲି ହସ.. ମତୁଆଲା କରେ..
କେତେ ମନ କେତେ ପ୍ରାଣ
ହଜୁଥାଏ ସେ ଦୁର୍ବାର ଆକର୍ଷଣରେ..
କାହା ପାଇଁ ଏ ରୂପ ମହୋତ୍ସବ..??
କାହା ପାଇଁ ନୀରବ ପ୍ରତୀକ୍ଷା??
ନିଦାଘରେ ଜଳି ଜଳି...
ଶ୍ରାବଣରେ ଝରି ଝରି...
ଯାହା ପାଇଁ ହେଉ ପଛେ
ଏମିତି ହସୁଥାଅ ଗଛ ଡାଳେ

ରୂପର ପସରା ମେଲି
କାଉଁରୀ ହସରେ ତୁମ ସମ୍ମୋହିତ
ହେଉଥାଉ ଏ ସାରା ଜଗତ...

*****

ଭୁବନେଶ୍ୱର



# ମୋ କଳା ମାଣିକରେ

ଶିବ ଚରଣ ମହାପାତ୍ର

ମଙ୍ଗଳ ପ୍ରଭାତୀ,

ମଙ୍ଗଳ ଆରତୀ

ମନ ମଧୁଶାଳା ସାଜି,

ମଙ୍ଗଳା ଚରଣ,

ମଙ୍ଗଲ୍ୟ ବରଣ

ମାନସେ ପ୍ରଭୁ ବିରାଜି...

ମାନସ ପୁରୁଷ ହେଜି..

ମଞ୍ଜୁଳ ବଦନ ମଞ୍ଜୁକେଶୀ ଘନ

ମଞ୍ଜୁରିତ କର ଖୋଜି..

କଜ୍ଜଳ ମୋହନ,

କପାଳେ ଚନ୍ଦନ

କିରୀଟ କନ୍କ ଝଟକେ,

କଟଟି କଙ୍କଣ

କରେ କି ବାହୁଟି

କୌସ୍ତୁଭ କଣ୍ଠେ ମହକେ..

କଠଉ ଅମୃତ ଚାଖେ..

କୁନ୍ତଳ ଗଭାରେ କି ଚନ୍ଦ୍ରିକା ଦେଖି

କଞ୍ଚୁଲୀକା ରଙ୍ଗ ମାଖେ..

ଲାଳିତ୍ୟ ତୋ ପ୍ରୀତି,

ଲହକା ମୋ ମଉ

ଲାବଣ୍ୟ ପସରା ଖୋଲେ

ଲଲାଟ ଲିଖନ..

ଲଗ୍ନିକା ପରାଣ

ଲାସ୍ୟମୟୀ ପ୍ରାୟ ଝୁଲେ..

ଲୀଳାରେ ନିତି ଦୋହଲେ..

ଲୁଟାୟନ ପଥେ ଭ୍ରମର ଯେସନ

ଲୁଟଣି ଖୋଲଇ ଫୁଲେ..

ମଦ୍ବିଧ ଅଧମ,

ମଉଳା କୁସୁମ

ମକରନ୍ଦ ତୋର ପ୍ରୀତି

ମକ୍ଷଳ କହ୍ନେଇ

ମରେ ତୋତେ ଚାହିଁ

ମଞ୍ଜୁଳ ବିରହ ତାତି..

ମହକେ ତୋ ଭାବ ରତି..

ମୋ ହୃଦେ ମଖାଅ ଭକତି ପ୍ରଲେପ

ମଟାଳ ନ କରି ଛାତି..

ନବନୀତ ତନ,

ନନ୍ଦିତ ପ୍ରସୂନ

ନବଧା ଭକ୍ତି ରଙ୍କୁଣା

ନିରୂତ ମୁଁ ଶୂନ୍ୟ

ନିରାଗ ଜୀବନ

ନିରାଶ ମାୟା ଝୁଲଣା..

ନିଜ ରଚେ ପ୍ରବଞ୍ଚନା..

ନିରେଖି ଚାହିଁଲେ ନିରୁଦ୍ଦିଷ୍ଟ ବୋଲେ

ନିର୍ଦ୍ଦୟ ପର ଆପଣା..

କରୁଣା କର୍ପୂର,

କର୍ଚ୍ଚର କର୍ଚ୍ଚୂର

କର୍ମ-ଧର୍ମ ମହାଜ୍ଞାନୀ

କଲ୍ଲୋଳ ତୋ ହସ

କରିନିଏ ବଶ

କଷ୍ଟୁଆ ଚାହାଣୀ ବାଣୀ..

କମ୍ପିତ ସ୍ପନ୍ଦନ ଶୁଣି..

କଲ୍ଲୋଳ ନାଦିନୀ ସ୍ଥାଣୁ ହେଲା କ୍ଷଣି

କୁରୁଳେ ଯମୁନା ପାଣି..

ରଞ୍ଜିତ ରଞ୍ଜକ,

ରଟନେ ଉଦ୍ରେକ

ରକ୍ତିମ ଅଧର ହସ

ରଙ୍ଗାଧର ବାରେ

ରଙ୍କୁଣୀ ହୃଦରେ

ରୋପ ଗୋ ଭକତି ଶୋଷ..

ରୁକୁଣୀ କର ପିୟୁଷ..

ରିକ୍ତ ହୃଦରୁ ରୁଚିଧାମ ଶୋଷୁ

ଜୀବନର ଅବଶୋଷ..

ଚକ୍ରଧରପୁର, କେନ୍ଦୁଝର

*****



# ବର୍ଷା ଭିଜା ସନ୍ଧ୍ୟା

ସୋନାଲି ସ୍ୱାଇଁ

ବର୍ଷା ଭିଜା ସନ୍ଧ୍ୟା

ହାତରେ କପେ ଗରମ ଚା..

ଆଖି ଆଗରେ ଫାଙ୍କା ଚିଆର

ଆଉ କପେ ଚା ଟେବୁଲ ଉପରେ

ପୁରାପୁରି ଥଣ୍ଡା..

ମନ ଭିତରେ ଅତୀତର,

କିଛି ସ୍ମୃତି ଆଉ କିଛି ଅନୁଭୂତି

ଫାଙ୍କା ଚିଆର,

ତୁମ ଅନୁପସ୍ଥିତି ଜାହିର କରେ

ଆଉ ବର୍ଷା ଭିଜା ସନ୍ଧ୍ୟା

ଏକୁଟିଆପଣକୁ ଖୋରାକ ଯୋଗାଏ

ଟିକେ ଦୂରକୁ ଦୂରକୁ ଅନେଇଲେ

କଳା ବାଦଲ ପୁରା ଭୟଙ୍କର ଦିଶେ

ସନ୍ଧ୍ୟାର ଆଗମନ ସହ

ସେ ଦୁଷ୍ଟ ବେଶୀ ପସନ୍ଦ କରେ କଳା ଜାକେଟ୍ ଟାକୁ

ତୁମେ ତ ଅଜବ ମଣିଷ

ତୁମକୁ ବର୍ଷା ପସନ୍ଦ

କିନ୍ତୁ କଳା ବାଦଲ ନୁହେଁ

ଆରେ କେମତି ବୁଝେଇବି

ବର୍ଷା ଆଉ କଳାବାଦଲର ସମ୍ପର୍କ !

ଆଉ କେମତି କହିବି ଜଣଙ୍କର ଅନ୍ୟ ଜଣଙ୍କ ବିନା ଅସ୍ତିତ୍ୱ

ଠିକ୍ ଆମ ପରି ନା ?

ତୁମକୁ ଥଣ୍ଡା ଚା’ ପସନ୍ଦ

ଆଉ ମୋତେ ଗରମ ଚା’

ତୁମର ସେ ନାଲି ଟିକି ସାଧବପୋକକୁ ପ୍ରେମ

ଆଉ ମୋର ସେ ନାଲି ପୋକ ପ୍ରତି ଇର୍ଷା

ତୁମକୁ ବର୍ଷା ପସନ୍ଦ

ଆଉ ମୋତେ ବର୍ଷା ଭିଜା ସନ୍ଧ୍ୟାର ସ୍ପର୍ଶ..

*****

ବୋରିକିନା, ଜଗତସିଂହପୁର



# ତୁମେ ବନ୍ଧୁ ସଖା ତୁମେ

ତପସ୍ୱିନୀ ଦାଶ ଷଡଙ୍ଗୀ

ତୁମେ ବନ୍ଧୁ ତୁମେ ସଖା
ତୁମେ ପିତା ମାତା
ତୁମ ଛଡା ଦୁନିଆରେ
ସବୁ ଲାଗେ ପିତା ।
ତୁମେ ଭାଇ ଭଗ୍ନୀ ମୋର
ତୁମେ ସହୋଦର
ତୁମ ଛଡା କିଏ ଅଛି
କୁହ ଆପଣାର ।
ତୁମେ ମୋର ପ୍ରଭୁଅଟ
ତୁମେ ମୋର ସଖା

ତୁମ ମୁହଁ କେବେ ମୁଁ
କରିନି ଅଦେଖା ।
ତୁମେ ମୋର ଛାଇ ହୁଅ
ଅମା ଅନ୍ଧକାରେ
ତୁମେ ହାତ ଛାଡିଦେଲେ
ଭାସିବି ମାୟା ଦରିଆରେ ।
ତୁମେ ଯଦି ଆଦି ମୋର
ତୁମେ ମୋର ଅନ୍ତ
ତୁମ ବିନା ବୁଝେନା ମୁଁ
ଏ ଜୀବନ ବୃତ୍ତାନ୍ତ ।
ତୁମେ ସାଥୀ ତୁମେ ପ୍ରୀତି
ତୁମେ ମୋର ପ୍ରେମ
ତୁମେ ପର କରିଦେଲେ
ମନ ହେବ ଭ୍ରମ ।

ତୁମେ ଅଛ ହେ ଠାକୁରେ

ଅନ୍ତର ଭିତରେ

ତୁମେ ଥିଲେ ଡର କିଆଁ

କରିବି ତୁଛାରେ ।

ତୁମେ ମୋର ମୁଁ ତୁମର

ଦିଅ ନିତ୍ୟ ଦେଖା

ତୁମେ ମୋର ବନ୍ଧୁ ପୁଣି

ତୁମେ ମୋର ସଖା ।

*****

ବେଙ୍ଗାଲୁରୁ



# ଅଝଟ ମନର ପ୍ରଶ୍ନ

ଲିପ୍ସା ଆଚାର୍ଯ୍ୟ

ଦେଖ କେତେ ମୁକ୍ତ ମୁଁ,
ନାହିଁ ବିଦ୍ୟାଳୟର ଚାରିକାନ୍ଥ
ନା ଅଛି ବସ୍ତାନୀ ବୋଝ..
ନା ଶିକ୍ଷକଙ୍କ ନାଲି ଆଖି ।
ସ୍କୁଲ୍ ସମୟରେ ବି ....
ଖୋଲା ଆକାଶ ତଳେ
ସାଗର ବକ୍ଷରେ ଖେଳୁଚ୍ ଆଶ୍ଚର୍ଯ୍ୟ ହଉଛ ନା ...
ମୋ କରାମତି ଦେଖି ।
ମୁଁ ପରା ନୋଳିଆ ବସ୍ତିର ପିଲା ...
ବସୁଧାରେ ପାଦ ଦେଲା ମାତ୍ର
ଅଶାନ୍ତ ବରୁଣର ଉଚ୍ଚ ଲହଡିର ଶବ୍ଦ ଶୁଣିଛି ।

ବାପା ଡଙ୍ଗା ନେଇଯାଇଛନ୍ତି ....

ରତ୍ନଗର୍ଭରୁ ଅନେକ ପ୍ରଜାତିର ମାଛ ଆଣବେ ।

କଣ ସବୁ ନାମ ତାର ..... ମନେ ପଡୁନି ...।

ବେଳାଭୂମିରେ ଅପେକ୍ଷା କରିଛି ମୁଁ ।

ବାପାଙ୍କ ଡଙ୍ଗା ଦୃଶ୍ୟମାନ ହଉନି ....

ତେଣୁ ମୋ ସମୁଦ୍ରର ମା' କୋଳରେ

ଟିକିଏ ଖେଳି ନଉଛି ।

ପର୍ଯ୍ୟଟକ ଦେଖନ୍ତି, ଖୁସି ମଧ୍ୟ ହୁଅନ୍ତି ।

କେହି ପଚାରନ୍ତି ନାହିଁ...

ସ୍କୁଲ୍ ସମୟରେ ଏଠି କାହିଁକି ଖେଳୁଛୁ ?

ମୋର ବି ଇଚ୍ଛା,

ସାହେବ ପିଲାମାନଙ୍କ ପରି ସ୍କୁଲ୍ ଯିବାକୁ ।

ସରକାର ଏତେ ସୁବିଧା କରିଛନ୍ତି !

ତଥାପି ମୁଁ ସ୍କୁଲ୍ ବାରଣ୍ଡା ମାଡେନି କାହିଁକି ?

ଏ ଅଝଟ ମନର ପ୍ରଶ୍ନ...

ତମେ ସବୁ ବହୁତ ବିଜ୍ଞ ବ୍ୟକ୍ତି ,


ଛୋଟ ଶିଶୁର ପ୍ରଶ୍ନର ଉତ୍ତର ଦିଏନା ......

*****

ହୁଡକୋ କଲୋନୀ, ଭଞ୍ଜ ବିହାର

ବ୍ରହ୍ମପୁର

# କେହି ଯଦି କେବେ ପଚାରେ ମୋ ଠିକଣା




ତମନ୍ନା ନନ୍ଦ

କହିଦେବ,
ଚିତ୍ତାକର୍ଷକ ଇନ୍ଦ୍ରଧନୁର ସପ୍ତରଙ୍ଗ,
ଗଗନର ଏକପାର୍ଶ୍ୱ କୋଣେ,
ଯାହା ହୋଇଛି ଟଣା,
ତାହା ମୋ ଠିକଣା ।

ଶୀତ ସକାଳର ସେହି କାକର ବିନ୍ଦୁ,
ରବିତେଜ ଦ୍ୱାରା ଯେ ହରାଏ ଅସ୍ତିତ୍ୱ,
ବେଶି କ୍ଷଣ ଯାହା ତିଷ୍ଠିବା ମନା,
ତାହା ମୋ ଠିକଣା ।

ସେହି ଧୂମକେତୁଟେ,
ଯାହା ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ,

ଦୃଶ୍ୟମାନ ହୁଏନା,
ତାହା ମୋ ଠିକଣା ।

ବରଷାର ସେହି ପ୍ରତ୍ୟେକଟି ବିନ୍ଦୁ,
ଯାହାର ସ୍ପର୍ଶରେ ହୁଏ,
ତୁମ ମନ ଆନମନା,
ତାହା ମୋ ଠିକଣା ।

ଥୁଣ୍ଟା ତରୁଟିରେ ହୁଗୁଳା ଲାଗିଥିବା,
ଶୁଷ୍କପତ୍ରଟି ଯାହା ଆଉ କିଛିସମୟ ପରେ ଝଡିବ,
ସରିଆସୁଛି ଯାହାର ସମୟସୀମା,
ତାହା ମୋ ଠିକଣା ।

ଆତ୍ମୀୟତାର ମୁଖାଧାରୀ ଆତ୍ମୀୟଙ୍କ ଦ୍ୱାରା ପୂର୍ଣ୍ଣ,
ସେହି ସୁନ୍ଦର କୁଟୀର,
ଭୁଷୁଡିଯିବାର ଯାହାର ଅଛି ସମ୍ଭାବନା,
ତାହା ମୋ ଠିକଣା ।

ମୁଁ ଯେ ବାଟୋଇ କେଉଁ ବାଟର,
ନିଜସ୍ୱ ସ୍ଥାୟୀ ଠିକଣା ମୋତେ ମଧ୍ୟ ଅଜଣା,
ତେଣୁ ଦୟାକରି କରିବ କ୍ଷମା,
ଏସବୁ ମୋ ଅସ୍ଥାୟୀ ଠିକଣା ।

*****

ପାନ୍ଧଡା, ମୟୂରଭଞ୍ଜ



# ଅଫେରା ପକ୍ଷୀ

ରିଙ୍କି ପଧାନ

ଆମ ଅଗଣାର

ମୁଠାଏ ମାଟି

ମୋ ପଣତରେ

ବାନ୍ଧିଦିଅ ବାପା

ସାଇତିବି ଜୀବନ ଯାକ

ମାଟିରେ ମିଶିଯିବା ଯାଏ ।

ତୁମ କନ୍ୟାଦାନ ପରେ

କେମିତି ରହିବି ଆଉ ଏଠି

ତୁମ ପୂର୍ବପୁରୁଷ କଷ୍ଟ ଦେବେ

ତୁମେ ଅପମାନ ପାଇବ,

ତୁମକୁ ନିଶ୍ଚେ ମନେ ପଡ଼ିବ ବାପା

ମୋ ପାଉଁଜିର ରୁଣୁଝୁଣୁ ଶବ୍ଦ

ମୋ ଦମ୍-ଦମ୍ ଚାଲି

ମୋ ଖିଲି-ଖିଲି ହସ

ମୁଁ ଆଉ ଅଝଟ ହେବି ନାହିଁ ବାପା

ମିଛି ମିଛିକା ରୁଷିବିନି ଆଉ

ମୁଁ ଏବେ ବଡ଼ ହୋଇଯାଇଛି

ମୋ ମୁଣ୍ଡରେ

କେତେ ଲୋକର ଦାୟିତ୍ୱ ।

ମୋ କଣ୍ଢେଇଗୁଡ଼ାକ

ସାଇତି ରଖିଥିବ ବାପା

ମିଛି-ମିଛିକା ଦୁଧ ଭାତ ଟିକେ

ଖୁଆଇ ଦେଉଥିବ

ମୋତେ ନଦେଖି କଷ୍ଟ ପାଉଥିବେ

ସେମାନେ କେମିତି ବୁଝିବେ ବାପା

ମୁଁ ବି ଗୋଟିଏ ମାଟି କଣ୍ଢେଇ

ସେମାନଙ୍କ ଭଳି ଅନ୍ୟର ଅଧୀନ ।

ମୋ ଫୁଲ ଗଛଗୁଡ଼ିକରେ

ନିତି ପାଣି ଦେଉଥିବ ବାପା

ସ୍ନେହରେ ଟିକେ ଆଉଁସି ଦେବ,

ତୁମକୁ ମୋ ଉପସ୍ଥିତିର ସତ୍ତା ଜାହିର କରିବେ

ସ୍ନେହରେ ବଢେଇଥିବା ଝିଅଟିକୁ

କେମିତି ବିଦା କରିଦେଲ ବାପା

କହିଦେଲ ଆଜିଠୁ ଏ ତୁମର,

କହିଲନି ଥରେ ବାପା

ଏ ମୋ ଜୀବନ-

ଭଲରେ ରଖିବ,

ଏଥିପାଇଁ ବୋଧେ କହିଲନି

ଯେହେତୁ ତୁମେ ବାପା ।

ସେମାନେ ନିଜର ଭଳି ମାନନ୍ତି ବାପା
ମୋ କ୍ଷତବିକ୍ଷତ ଶରୀରକୁ ଦେଖିଲେ
ତୁମେ ଠିକ୍ ଜାଣି ପାରିବ
ତୁମେ ଯେଭଳି
ଅମାନିଆ ବଳଦ ଗୁଡ଼ାକ ଦେହରେ
ବସେଇ ଦେଉଥିଲ ପାହାର ପାହାର ।

ମୋ ଆସିବାର ଅପେକ୍ଷା
କରିବନି ବାପା
ସବୁ ଝିଅ କଣ ଫେରନ୍ତି
ଶାଶୁଘରୁ ବାପଘରକୁ
କେତେ କେତେ ଝିଅ
ସେମାନେ ତ ଫେରି ନଥିଲେ
ଅଫେରା ପକ୍ଷୀ ଆମେ ବାପା

ସମୟ ଯେଉଁଆଡ଼େ ଉଡ଼ାଇ ନେବ

ଆମେ ସେଇଠି ବସା ବାନ୍ଧିବୁ,

ମୋ କଥା ମନେ ରଖିବ ବାପା

ମୋ ଆସିବାର ଅପେକ୍ଷା

ଆଉ କରିବନି ବାପା ।

*****

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ



# ଜୀବନର ସତ୍ୟ

ଅବିନାଶ ବେହେରା

ଜୀବନର ଆକାଶରେ ଯେବେ
ପ୍ରାଣସୂର୍ଯ୍ୟ ଯାଏ ବୁଡି,
ସ୍ନେହ ମମତାକୁ ଦୂରେଇ ଦେଇଣ
ଅନ୍ଧାର ଆସେ ମାଡି ।

ପିଣ୍ଡ ଛାଡି ପ୍ରାଣପକ୍ଷୀ
ଯାଏ ଯେବେରେ ଉଡି,
ସଂସାରର ସ୍ନେହ ରୂପୀ
ମାୟାଜାଲ ଯାଏରେ ଛିଡି ।

ଜୀବ ଯିବା ଯାଏଁ
ପ୍ରାଣ ପକ୍ଷୀ ରହିଥାଏ,

ଗୁଣୁ ଗୁଣୁ ଗୁଞ୍ଜନରେ
ଦିବାନିଶି ସଙ୍ଗୀତ ଗାଏ ।

ଜୀବନରେ କାହିଁ ଏତେ
ହିଂସା ମାନ ଅଭିମାନ,
ଲିଭିଯିବ ସବୁ କିଛି
ଗଲେ ଜୀବର ଜୀବନ ।

ଧନ ଦଉଲତକୁ କରି ନିଜର
କିମ୍ପାକରୁ ଅହଂକାର,
ସବୁଦିନେ ରହିବ ନାହିଁରେ
ଏହି ଅନିତ୍ୟ ଶରୀର ।

ଭବସାଗରୁ ଯେବେ
ତୁରେ ପାଇବୁ ମୁକତି,
ଦୀନବନ୍ଧୁ ପ୍ରଭୁ ପାଦପଦ୍ମେ
ଏକାଗ୍ରେ କରରେ ଭକତି ।

ପରକୁ ଆପଣାର କରି
ସଦା ରାମ ନାମ ଜପ,
ଲିନ ହେବରେ ତୋ ଧରାଧାମେ
ସବୁ କରିଥିବା ପାପ ।

ଦୀନ ଦୁଃଖିଙ୍କର ଦୁଃଖେ
ହୁଅ ତୁହି ସାହା,
ମନେ ଶାନ୍ତିପାଇ ନିଶ୍ଚେ
ଲଭିବୁରେ ପ୍ରଭୁ ଦୟା ।

*****

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ



# ନୀଳ ଜହ୍ନ ଓ ଲାଲ୍ କଇଁ

ପୂର୍ଣ୍ଣିମାରାଣୀ ସାହୁ

ନିରୀମାଖୀ ଫୁଲେଇ ଲୋହିତ କଇଁ
ଶୃଙ୍ଗାର ହେଇ ରହିଛି ଚାହିଁ
ନୀଳ ରଙ୍ଗେ ରଙ୍ଗେଇ ହେଇ
ନୀଳ ଜହ୍ନ ଆସିବା ପାଇଁ ।
ରାତି ରାତି ଚାହିଁ ରହୁଛି
ସତେକି ଦିନରେ ପୂର୍ଣ୍ଣଚ୍ଛେଦ ଲାଗିଛି ।
ମନମାନୀ ତା'ର କିଏ ବୁଝିବ,
ଝାଉଁଳା ମୁହଁରେ କିଏ ହସ ଫୁଟାଇବ ?
ଜହ୍ନ ବିନା କି ସେ ବଞ୍ଚି ପାରିବ ?
ଆଶା ଅସୁମାରୀ,
ସପନ ରାଇଜ ରାଜକୁମାରୀ,

ଅଧର ନାଲିକୁ ସବୁଜ ପାଟ ମଖମଲ୍ଲୀ

ଏତେ ରଙ୍ଗ ପରା ତା'ର ଜହ୍ନ ପାଇଁ ଖାଲି ।

ଚଳ ଚଞ୍ଚଳ ତନ ମନ

ବୁଡମାରେ ଯେବେ ଭାବନା ସାଗରେ

ଭିଜିଯାଏ ଗୋଟାପଣ ।

କେବେ ନାଚିଉଠେ ପୁଣି

ଜହ୍ନର ପ୍ରୀତି ମୂର୍ଚ୍ଛନାରେ,

ନିଃସ୍ତବ୍ଧ ରାତ୍ରର ଶୀତଳ ସ୍ପର୍ଶରେ,

ଲାଜେ ଝାଉଁଳି ଯାଏ ମନ,

ଯେବେ ଆସେ ପୂର୍ଣ୍ଣିମାର ଦିନ,

ରାତ୍ରର ଅସ୍ପୂର୍ଣ୍ଣ ଜହ୍ନ,

ନୀଳଜହ୍ନ ଆଉ ଲାଲ୍ କଇଁର

ହୁଏ ମହାମିଳନ ।

*****

ନିକିରାଇ, କେନ୍ଦ୍ରାପଡା



# ଆସ ଗୋ ଶ୍ରାବଣ ସୀମନ୍ତିନୀ

ଅମ୍ରିତେଶ ଖଟୁଆ

ଆସ ଗୋ ଶ୍ରାବଣ ସୀମନ୍ତିନୀ
ଆସ୍ଫାଳିଲେ ନଭେ ଶୁଷ୍କ ଅରୁଣିମା ତୁମ ପାଇଁ,
ଲଜ୍ଜିତ ନିର୍ମୋକେ ଲୁଚିଛନ୍ତି ରବି
ନିଜ ନିନ୍ଦା ପ୍ରଶମିବା ପାଇଁ
ତୁମ୍ଭ ଆନୟନେ ଗୋ ବାରିଦ-ନନ୍ଦିନୀ ।

ଆସ ଗୋ ଶ୍ରାବଣ ସୀମନ୍ତିନୀ
ମେଘ ମହ୍ଲାରେ ନେଇ ଶୁଭଲଗ୍ନ ଗବାକ୍ଷେ,
ଜଣାଇବ ଅଧରିମା ସ୍ୱକୀୟେ
ନିଜ ପ୍ରଶସ୍ତି ଏକ ଲୟେ
ତୁମ୍ଭ ଆନୟନେ ଗୋ ବାରିଦ-ନନ୍ଦିନୀ ।

ଆସ ଗୋ ଶ୍ରାବଣ ସୀମନ୍ତିନୀ
ନ କରି ହଟ ମନ ପାଦଦେଶ ଠାରେ ମୋ,
ଆସିବ ଅବତରି ସଙ୍ଗେ ଶର୍ବରୀ
ଏକ ଶିଥିଳ ଶୀତଳେ ତୁମେ
ତବ ଅବଗାହନେ ଗୋ ସଲିଳ-ସୌଦାମିନୀ ।

ଆସ ଗୋ ସ୍ୟନ୍ଦନେ ତବ ସୀମନ୍ତିନୀ
ଅଶ୍ରୁଚକେ କେବେ ଆଶ୍ୱାସ ଅକ୍ଷେ କେବେ,
ଆସିବ ତବ ତିତିକ୍ଷାକୁ ପ୍ରେରିତ କରି
ଏକ ଅସମାହିତ ଉତ୍ତରଣେ ତୁମେ
ତବ ଗହନ ବେଳାର ଆରମ୍ଭେ ଗୋ ସୀମନ୍ତିନୀ ।

*****

୨୩୭, ଫେଜ୍ - ୨, କାନନ ବିହାର, ପଟିଆ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪



# ଆଉ ଏକ ସକାଳର ଅପେକ୍ଷାରେ

ନୂତନ କୁମାର ବେହେରା

ଭରସା ବିଶ୍ୱାସ ଅନେକ ଥିଲା
ଆଶାର ବିଛଣା ପାରି
ଦେଖୁଥିଲି ସମ୍ଭାବନାର ସପନ,
ଏ ଘନ କିଟି କିଟି ଅନ୍ଧାର ରାତି
ପାହି ଯିବା ପରେ
ଦୁଃଖର ହେବ ଅବସାନ ।

ନୂଆ ଆଲୋକ ନେଇ
ଆସିବ ସୂର୍ଯ୍ୟ ଉଇଁ,
ନବୀନ ଆଲୋକେ ଉଦ୍ଭାସିତ ହେବ
ସଚରାଚର ବିଲ ବଣ ଭୂଇଁ ।

ଆଜିର ସକାଳ ଥିଲା

କୁଜ୍ଝଟିକାମୟ ଝାପ୍ସା ଝାପ୍ସା

ଆଗରେ ଖାଲି ବିଛାଡି ହୋଇ

ପଡିଛି ଛଳନା ପ୍ରତାରଣାର ରାସ୍ତା,

ଜୀବନର ଚଲା ବାଟେ

ମୋଡ ପରେ ମୋଡ ବଦଳେ

ଦ୍ୱନ୍ଦ୍ୱ ଓ ସନ୍ଦେହର ଦୋଛକିରେ

ଭୋଗିବାକୁ ହୁଏ ଦୁରବସ୍ଥା ।

ଆତଙ୍କିତ ହୃଦୟର ଗୁମ୍ଫାରେ

ସାହସିକତାର ସୁପ୍ତ ସିଂହ,

ଅବଚେତନ ନିଦ୍ରାରେ

କଡ ଲେଉଟାଏ ରହରହ ।

ବେଳେବେଳେ ଶୁଭେ ତା'ର

ଅସାମର୍ଥ୍ୟତାର ଦୀର୍ଘନିଶ୍ୱାସ,

ସାରା ସମାଜ ଜଙ୍ଗଲର ପରିବେଶ

କୋଳାହଳ ପୂର୍ଣ୍ଣ,

ଅବିଚାର ଅନ୍ୟାୟ ଅନୀତି

ହିଂସା ପ୍ରତିହିଂସାର ଘନଘଟା

ମଧୁର ସମ୍ପର୍କକୁ କରିଦିଏ ଛିନ୍ନ ।

ଅଶାନ୍ତ ଦିବସର ବ୍ୟସ୍ତ ବିବ୍ରତାରେ

କର୍ମ କ୍ଳାନ୍ତି ବିବଶ ଶରୀର

ହୋଇପଡେ ଭାରାକ୍ରାନ୍ତ,

ନିଦାଘ ମଧ୍ୟାହ୍ନର ଆଉଟୁ ପାଉଟୁ

ଯନ୍ତ୍ରଣାକୁ ଅଙ୍ଗେ ନିଭାଇ

ବଞ୍ଚିବା ସାଉଁଟିଲା ବେଳକୁ

ସୂର୍ଯ୍ୟ ହୋଇ ଆସେ ଅସ୍ତ ।

ଆଖିର ତେଜ କମି କମି ଯାଇ

ପତା ମଉଳି ହୁଏ ଅପଲକ,

ଅନ୍ଧାରର ନୀସ୍ତବ୍ଧତାରେ

ନିସ୍ତେଜ ପ୍ରାଣକୁ

ନିଦ୍ରା ସତେଜ କରିବାକୁ

ହୁଏ ସହାୟକ ।

ପୁଣି ଅନେକ କିଛି

ଆଶା ଆକାଂକ୍ଷାର ବୀଜ

ମନର ମୃତ୍ତିକାରେ ବୁଣି ଦେଇ

ସପନ ଦେଖି ଦେଖି ରହିଥାଏ

ଆଉ ଏକ ସକାଳର ଅପେକ୍ଷାରେ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ



# ଅବଶୋଷ

ସରୋଜ ମହାପାତ୍ର

ସହଜ ନୁହେଁ ଏ ଜୀବନ,

କେତେ ଘାତ ପ୍ରତିଘାତ ସହିବାକୁ ହୁଏ

କରି ମନେ ଦୃଢ଼ ପଣ ।

ପ୍ରତିଜ୍ଞା କରି କାର୍ଯ୍ୟ କରିଲେ ଶକ୍ତ ହୁଏ ହାତ ମୁଠା,

ସାମ୍ନା କରେ ଯିଏ ପ୍ରତିଟି ଦୁଃଖର

ନିଶ୍ଚେ ହୁଏ ଶ୍ରେଷ୍ଠ ସ୍ରଷ୍ଟା ।

ଜୀବନ ପଥରେ କେବେ ମିଳେ କଣ୍ଟା

କେବେ ମିଳେ ମରୁପଥ,

ଧନ୍ୟ ସେ ଯିଏ ପଥ ପାରହୋଇ

ପିନ୍ଧେ ବିଜୟ ମୁକୁଟ ।

ନିଶ୍ୱାସ ବିନା କି ଜୀବନ ?

ପ୍ରେମ ବିନା କି ପ୍ରାଣ ?

ଛାତିର ସ୍ପନ୍ଦନ ବଢି ବଢି ଯାଏ

ପ୍ରତୀକ୍ଷା ମୟ ଏ ଜୀବନ ।

ବିପଦ ସର୍ବଦା ସାଙ୍ଗ ହୋଇ ଚାଲେ

ଜୀବନ ସହ ହାତ ମିଶାଇ,

ସ୍ୱପ୍ନ ବାସ୍ତବତା ମିଳନ ଦ୍ୱାରରେ

ଜୀବନ ଦୀପ ଲିଭିଯାଏ କଣ ପାଇଁ ?

ଅତିତ ସ୍ମୃତି ଭୁଲି ହୁଏ ନାହିଁ

ବଞ୍ଚିବାର ଆଶା ନାହିଁ,

ମୃତ୍ୟୁ ସହ ମିତ ହେବା ପାଇଁ

ମନମୋ ଅବୁଝା ହୁଅଇ,

ଯନ୍ତ୍ରଣା ମୟ ଏ ଜୀବନ ମୋର

ମୁଁ ଆଉ ସହି ପାରେ ନାହିଁ...

ତଥାପି ଏ ମନ ତୁମ ଭାବନାରେ

ଯନ୍ତ୍ରଣା ଜ୍ୱାଳାକୁ ଭ୍ରୁକ୍ଷେପ ନାହିଁ,

ଯେବେ ବସେ ମୁଁ ଆକାଶକୁ ଚାହିଁ

ମନେ ଭରିଯାଏ ଅବଶୋଷ ମୋର

ଆଉ କିଛି ମିଳେ ନାହିଁ,

ଆଉ କିଛି ମିଳେ ନାହିଁ ।

*****

ଜଗତସିଂହପୁର



# ସମୀକରଣ ଜୀବନର

ଅମିତ ନାରାୟଣ ଶତପଥୀ

ପାତ୍ରରେ ପାଣି ଢାଳୁ-ଢାଳୁ ଚହଲି ଯାଏ ହାତ

ଜୀବନ ଯାତ୍ରାର ନିର୍ଝରିଣୀରେ ଉଠିଲେ ଆବେଗ

ସୁଅ ଖାଇଯାଏ ମନର କୂଳ, ଛଳଛଳ ହୋଇ

କଳକଳ କଲ୍ଲୋଳିନୀ ସାଜି କହି ଉଠେ ମନର କଥା...।

ଟିପିଟିପି ବର୍ଷା ବିନ୍ଦୁରେ ଓହ୍ଲେଇ ଆସିଥିଲା ବିନ୍ଦୁ ମେଘ ପୁରରୁ

କାହା ବାଷ୍ପୀଭୂତ ଭାବନା, ଅବ୍ୟକ୍ତ ଚେତନାରୁ ତା' ସୃଷ୍ଟି

ଜୀବନ୍ତ କଥାମାନ ସତେ ମାନସରେ ରହିବାକୁ ଚାହାଁନ୍ତି ନାହିଁ

ସେମାନେ ଆବେଗ ପୂର୍ଣ୍ଣ, ନିଜକୁ ପ୍ରକାଶିବାକୁ ଚାହାଁନ୍ତି ।

କେତେ ବନ୍ଧୁ ବାନ୍ଧିଲା ସେ ପାହାଡ଼ ସହ

ସେ ମୃତ୍ତିକା ସହ, ମନେ ପକାଇଲା ପୁରୁଣା ସାଙ୍ଗ ପରି

ସେ ବାଦଲକୁ, କେତେ ଶୁଣିଲା ବର୍ଷା ନୂପୁର

ହଁ, ଜୀବନ ମାଠିଆରେ କ୍ରମଶଃ ଜମା ହେଉଥିଲେ

ନୂଆ ଅନୁଭୂତିରୁ କଣିକା ମାନେ ।

କିନ୍ତୁ କରିବ କ'ଣ, ବୋହିଯିବାକୁ ହେବ

ଆବେଗ ସୁଅ ଜୁଆରିଆ

ବାସ୍ ଆସି ଦିନେ ତାକୁ ଭସାଇ ନେଲା

ଅଟକି ଯିବାଟା ଜୀବନର ସମୀକରଣ ନୁହେଁ

ସମତୁଲ କରିବାକୁ ଆର କଡ଼କୁ ଦେଖିବାକୁ ପଡ଼େ

କେତେ କିଛି ଏବେବି ଅଛି

ଅଚିହ୍ନା, ଅଜଣା...

ତାକୁ ଆଗେଇବାକୁ ହେବ, ଏମିତି ତ ଜୀବନ ଗଢ଼ା ।

*****

ସଂକଳ୍ପ -୨, ନ୍ୟୁଟାଉନ୍

କୋଲକାତା



# କୋଣାର୍କ

ହୃଦୟାନନ୍ଦ ପଧାନ

ଦେଖ୍ ନାହିଁ କେତେ ଦିନୁ ଏ କୋଣାର୍କ
କିଥିଲା ପୁରୁଣା କି ହୋଇଛି ଆଜ,
ଅର୍କକ୍ଷେତ୍ର ନାମେ ପୃଥିବୀ ପ୍ରସିଦ୍ଧ
ସୁନ୍ଦର ମୂର୍ତ୍ତିରେ ହୋଇ ଅଛୁ ସଜ ।

ବାରଷ ବଢ଼େଇ ଗଡିତୋଳି ଥିଲେ
ତୋହରି ସୁନ୍ଦର ମୂର୍ତ୍ତିକୁ ଦିନେ,
ମୁଣ୍ଡିମାରିବାକୁ କେହିଜଣେ ହେଲେ
ସାମର୍ଥ୍ୟ ହେଲାଣି କାହାରି ପ୍ରାଣେ ।

ଧର୍ମପଦ ସିନା ମୁଣ୍ଡିମାରି କରି
ରଖିଲା ଦିନ ସେ  ଜଗତେ ନାଁ,
ଅନ୍ୟ ପାଇଁ ସିଏ ଦେଲା ବଳିଦାନ
ଇତିହାସେ ତା'ର ରହିଲା ନାଁ  ।

ଗଢାହୋଇ ଅଛୁ କେଉଁ ଉପମାରେ
ଯେତେ ଦେଖିଲେ ବି ନ ଭରେ ମନ,
ଦୁଃଖି ମନୁଷ୍ୟ ଭି ଦେଖି ଦେଲେ ଥରେ
ଭୁଲି ଯାଏ ତା'ର ମନ କଷଣ  ।

ଚନ୍ଦ୍ରଭାଗା ଯା'ର ପାଦକୁ ଧୋଉଛି
ସକାଳରୁ ସଂଜ ଯାଏ,
ରାମଚଣ୍ଡୀଙ୍କର ପୀଠସ୍ଥଳ ଏଠି
ପୃଥିବୀ ପ୍ରସିଦ୍ଧ ସିଏ  ।

ସିଏ ତ କୋଣାର୍କ, ସିଏ ଅର୍କକ୍ଷେତ୍ର
ତୁଳନା ନାହିଁ ତ ତାହାର,
କବି କଳ୍ପନାରେ ଯେତେ ଦେଖିଲେବି
ସର୍ବଦା ସୁନ୍ଦରତର........ !

*****

ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର



# ସନ୍ଧ୍ୟାର ସଂଳାପ

ଅଲେଖ ଚନ୍ଦ୍ର ବେହେରା

ମଙ୍ଗଳ ଆଳତୀ ଶଙ୍ଖ-ଘଣ୍ଟ ନାଦେ ସମୀରେ  ଭାଷିଲା ସ୍ତୁତି

ବିହଙ୍ଗର ତାନ, ଦେବଧ୍ୱନି ଗାନ, ଶୁଣି ଉଲ୍ଲସିତ ଶୃତି

କେଉଁ ଦିଗରୁ ଆସେ ଲହଡି

ନୀଳ ଉର୍ମିମାଳ- ପୋରେ ସ୍ୱର୍ଣ୍ଣ ରଙ୍ଗ, ଅରୁଣ ଦିଏ ଅଜାଡି ...

ଘାଗୁଡି ବାଜିଲା, ଧୂଳି ଉଡିଗଲା, ଫେରିଲେଣି ଗାଈ ଗୋଠ

ଅପୂର୍ବ ସୁଗନ୍ଧେ, ବାସିଲାଣି ପୁର, ବିସର୍ଜିତ ହୋଇ କଷ୍ଟ

କି ଅମୃତ ବେଳା ଆସିଲା  ?

ବାଳମତି ସମ ଭାନୁ ଅଭିମାନେ ମାତୃ କୋଳରେ ବସିଲା....

ସଞ୍ଜୀଦୀପ ଜଳେ, ମିଞ୍ଜି ମିଞ୍ଜି ହୋଇ, ତୁଳସୀଚଉରା ମୂଳେ

ନୂଆ ବୋହୂ ବସି, ମନ କଥା କହେ, ହୁସୁଥାଏ ବେଳେ ବେଳେ

କିଏ ପଛରୁ ଡାକ ଛାଡିଲା !

ତରବର ହୋଇ ଚାଲି ଯାଉ ଯାଉ ଅଳପ ଝୁଣ୍ଟି ପଡିଲା...

ନରନାରୀ ପୁରେ, ଫେରିଲେ କର୍ମରୁ, ମୁଖଗୋଲ ଫୁଟି ଉଠେ

କ୍ଷେତ ସାରି କ୍ଷେତ୍ରୀ, ଥକା ପାରି ବସେ, ଖାଇ ତାଳପିଠା ଗୋଟେ

ବୁଢା ବଟୁଆ ଖଣ୍ଡକ ଖୋଲି

ବୁଢୀକୁ ଡାକୁଛି କେତେ ଆଦରରେ ପାନ ଖଣ୍ଡେ ଦେବ ବୋଲି...

ବିଦ୍ୟାର୍ଥୀଏ ଧରି, ନିଜ ସହଚରୀ, ବାହାରିଲେ ଗୁରୁ ଦ୍ୱାର

ଅଖଣ୍ଡ ବତୀରେ, ଅଲେଖ ମନ୍ଦିର, ଦିଶୁଛି କେଡେ ସୁନ୍ଦର

ପଶ୍ଚିମରେ ଚଣ୍ଡୀ-ଶଙ୍କର

ଅଷ୍ଟ ମୁରୁଜରେ ଆଙ୍କିଛି କେ ଝୋଟି ବନଲତା-ହାତୀ-ମୟୁର...

ମଧୁର ମହକ, ମଧୁର ଜୋଛନା, ମଧୁର ଏ ସଞ୍ଜବେଳ

ମଧୂର ଏ ଗାଁ ସନ୍ଧ୍ୟା ପରିପାଟି, ମଧୁର ଏ ନଈକୂଳ

ଲାଗେ ମଧୁର ବନ୍ଧୁ ଆଳାପ

ମଧୁର ଏ ମନ ମଧୁର ଜୀବନ ମଧୁର ସଂଧ୍ୟା ସଂଳାପ...

*****

ଅଙ୍ଗାରବନ୍ଧ, ଅନୁଗୁଳ



# କଠୋର ସତ୍ୟ

ରୋଜା ପଣ୍ଡା

ମୃତ୍ୟୁ,
ଆସେନାହିଁ କେବେ ସିଏ ସୂଚନା ଦେଇ
ଅଚାନକେ ଆସିଯାଏ ବାହା ମେଲେଇ
ନିଷ୍ଠୁର, କ୍ରୁର ରୂପ ଦେଖାଇ ତାର
ବାଛିନିଏ ମିଠା ଫଳ ଚାଖିବା ପାଇଁ ॥

ମୃତ୍ୟୁ,
ପଦାର୍ପଣ କରେ ବିନା ଆମନ୍ତ୍ରଣରେ
ଆଜୀବନ ନିଦ୍ରା ଭରେ ପ୍ରାଣୀ ଆଖିରେ
ହସୁଥାଏ ଅନ୍ୟକୁ ସେ କନ୍ଦେଇ ଦେଇ
ହାରିଯାଏ ପ୍ରାଣ ତା'ର ସତ୍ୟ ଆଗରେ ॥

ମୃତ୍ୟୁ,

ଏକମାତ୍ର ସତ୍ୟ ବୋଲି ବାରମ୍ବାର ସୂଚାଏ

ତଥାପି ପ୍ରାଣୀ ଜଗତ ତାକୁ ଭୁଲିଯାଏ

ବଞ୍ଚିବାର ମିଛ ଆଶା ନେଇ ଅହରହ

କାନ୍ଦୁଥାଏ ପ୍ରିୟଜନ ମୃତ୍ୟୁ ଦେଖି ସିଏ ॥

ମୃତ୍ୟୁ,

ଘଡିକ ଆଗମନରେ ଧୋଇନିଏ ସବୁ

ପଲଙ୍କ ବଦଳେ ଦିଏ କୋକେଇଟେ ବାବୁ

ସାଙ୍ଗରେ ସେ ନିଏନାହିଁ କାଣିଚାଏ ଧନ

ମିଛ ଲୋଭ କରି ଆଉ କି ଲାଭ ପାଇବୁ ॥

ମୃତ୍ୟୁ,

ରୂପ ତାର କ୍ରୁର ସିନା ପ୍ରାଣୀ ଭୟ କରେ

ତାଠାରୁ ବିଶ୍ୱାସୀ କେହି ନାହିଁ ଜଗତରେ

ଜୀବନ ଯନ୍ତ୍ରଣାରୁ ମୁକ୍ତି ଦେଇ ସିଏ

ହାତଧରି ନେଇଯାଏ ମହା ଆଲୋକରେ ॥

ମୃତ୍ୟୁ,

ଯଦ୍ୱାରା ଜୀବନ୍ତ ପ୍ରାଣୀ ମୋକ୍ଷ ପ୍ରାପ୍ତି ହୁଏ

ମିଛ ମୋହମାୟାରୁ ସେ ମୁକ୍ତି ପାଇଥାଏ

ଜଞ୍ଜାଳମୟ ଜୀବନ ତ୍ୟାଗୀ ଆନନ୍ଦରେ

ପରମାତ୍ମାଙ୍କ ପୟରେ ଲୀନ ହେଇଯାଏ ॥

*****

ମଧୁପାଟଣା, କଟକ



# ସମର୍ପଣ

ଶ୍ରୀମତୀ ଚିନ୍ମୟୀ ମିଶ୍ର

ଆହେ ପ୍ରଭୁ କଳା ସାଆନ୍ତେ
ଯାହା ପଚାରୁଛି କହିବ ମୋତେ ॥
ଅର୍ଜ୍ଜୁନର କେଉଁ ଭାବ ଦେଖି ତୁମେ,
ସାରଥି ହୋଇଲ ତାହାରି ରଥେ ॥ ଆହେ ପ୍ରଭୁ ..... (୧)
ଦାସିଆର କିଭାବ ଥିଲା,
ତୁମ ମନକୁ କିଣି ନେଲା,
ବାଡିର ନଡିଆ ଯାଚିଦେଲା ବୋଲି,
ତା' ଶ୍ରୀଫଳ ନେଇଗଲ ସ୍ୱହସ୍ତେ ॥ ଆହେ ପ୍ରଭୁ ..... (୨)

ବାଛି ବାଛି ଅଇଁଠା କୋଳି,
କେଉଁ ଭାବେ ଦେଲା ଶବରୀ,
ସେ ଅଇଁଠା କୋଳି ଖୁସିରେ ଖାଇଲ
ଏ କଥା ଜାଣି ଅଛନ୍ତି ସମସ୍ତେ ॥ ଆହେ ପ୍ରଭୁ ..... (୩)

ଦ୍ରୌପଦୀର ଭାବକୁ ଦେଖି,
ଭାବ ତା'ର ଥିଲା ପରଖି,
ପରଖି ତା' ଭାବ ଆହେ ପଦ୍ମନାଭ,
    କୋଟି ବସ୍ତ୍ର ତାକୁ ଦେଲ କେମନ୍ତେ ॥ ଆହେ ପ୍ରଭୁ ..... (୪)
ଘୋର ବନେ ମୃଗଣୀ ଡାକ,
ଶୁଣିଥିଲ ପଙ୍କଜ ମୁଖ,
କେଉଁ ଭାବେ ସେହୁ ଡାକିଲା ତୁମଙ୍କୁ,
    ତା' ଆରତ ଦୂର କଲ ତ୍ୱରିତେ ॥ ଆହେ ପ୍ରଭୁ ..... (୫)
ଗଜରାଜ ଡାକିଲା ଜଳେ,
ଡାକିଲା ସେ କେଉଁ ଭାବରେ,
ଚକ୍ର ପେଷି ଦେଇ ବକ୍ର ନାଶକଲ,
    ଗଜକୁ ଉଦ୍ଧାରି ଦେଲ କିପାଁତେ ॥ ଆହେ ପ୍ରଭୁ ..... (୬)
ଭରତିଆ ବିପଦେ ପଡି,
କେଉଁ ଭାବେ ଛାଡିଲା ରଡି,
ଘଣ୍ଟଘ ଘୋଡାଇଣ ରଖିଲ ତାହାକୁ,
    ଲେଖା ହୋଇଅଛି ମହାଭାରତେ ॥ ଆହେ ପ୍ରଭୁ ..... (୭)

ବନ୍ଧୁ ମହାନ୍ତି ବନ୍ଧୁ ହେଲ,
ପାଖେ ତାର ପହଞ୍ଚିଗଲ,
କେଉଁ ଭାବ ଦେଖି ଆହେ ଚକାଆଖି,
    ସୁନାଥାଳୀ ଦେଇଥିଲ ତା' ହାତେ ॥ ଆହେ ପ୍ରଭୁ ..... (୮)
ସତ୍ୟ, ତ୍ରେତା, ଦ୍ୱାପର, କଳି
ଚାରି ଯୁଗେ ଲୀଳା ତୁମରି,
ଏ ଚାରି ଯୁଗରେ ଭକତ ମାନଙ୍କୁ
    କେମିତି କରୁଣା କରିଛ ଏତେ ॥ ଆହେ ପ୍ରଭୁ ..... (୯)
ଆହେ ନୀଳାଚଳ ବିହାରୀ,
ତୁମ ପାଦେ କରେ ଗୁହାରୀ,
କେଉଁ ଭାବେ ତୁମେ ବନ୍ଧା ଭକତର,
    ସେକଥା ମୋ କାନେ କହିବ ସତେ ॥ ଆହେ ପ୍ରଭୁ ..... (୧୦)
ହସି କହନ୍ତି ଭାବଗ୍ରାହୀ,
ସେକଥା କହୁଛି ବୁଝାଇ,
'ସମର୍ପଣ' ଭାବ ସବୁଠାରୁ ଶ୍ରେଷ୍ଠ,
    ସେହି ଭାବେ ତୁହି ପାଇବୁ ମୋତେ ॥ ଆହେ ପ୍ରଭୁ ..... (୧୧)

ପ୍ରଭୁ ଯାହା କହିଲେ କାନେ,
ତାହା ମୁହିଁ ରଖିବି ମନେ,
ପ୍ରଭୁଙ୍କ ଆଦେଶ ଭୁଲିଯିବି ନାହିଁ,
ସେକଥା କହିବି ସାରା ଜଗତେ ॥ ଆହେ ପ୍ରଭୁ ..... (୧୨)

*****

ପ୍ରାଚୀ ବିହାର, ପଳାଶୁଣି, ଭୁବନେଶ୍ୱର



# ମୁଁ ମରି ଯାଇଛି

ସାଇ ସୁଦୀପ ଦାସ

ଶରୀର ଟିଏ ଥାଇ ବି ଅଚେତ, ମୁଁ ମରିଯାଇଛି,
ଅଛି ଯଦି କେଇଖଣ୍ଡ ହାଡ଼,
ଆଉ ତା ଉପରେ ଚମର ଗୋଟେ ପତଳା ଢ଼ାଙ୍କୁଣୀ ପରି ଚଦର,
ରକ୍ତରୁ ରକ୍ତ କୋଷିକା ପାଣି ଫୋଟକା ଭଳି ଫାଟିଯାଇଛି,
ମାଂସପେଶୀ ଖାଲି ଅଚଳ ଓ କ୍ଷୀଣ ନୁହେଁ
ବରଂ ଗଳିତ ହୋଇ ଯାଇଛି,
ମୁଁ ବୋଧ ହୁଏ ମରିଯାଇଛି !
ସବୁ ଆଶା-ଆଶଙ୍କା ଭାଙ୍ଗି ବିଚୂର୍ଣ୍ଣ ହୋଇପଡିଛି,
ବିଷୟ ବାସନା ଖାଲି ଦୁର୍ଦ୍ଦିନ ଓ ଦୁର୍ଦ୍ଦଶା ଦେଖାଇଛି,
କାହିଁ ତ ବାଞ୍ଛା ପୂର୍ତ୍ତି ହେଲେ ଅମୃତ ପ୍ରାପ୍ତି ପରି କିଛି ଚମତ୍କାର ହୋଇନି,
ହଁ ! ହୋଇଛି ଯଦି ସେ ବିଷୟ ଉପରୁ ଆଗ୍ରହ ତିଳେ କମିଯାଇ
ଅନ୍ୟାନ୍ୟ ଅପୂର୍ତ୍ତାଭିଳଷିତ ପଦାର୍ଥ ଗୁଡ଼ିକ ଆଡ଼କୁ

ଅବଧାନ ଆକର୍ଷିତ ହୋଇଛି;
ଶେଷଶଯ୍ୟାରେ ଆତ୍ମୀୟ ହସ୍ତୁ କୈବଲ୍ୟ-ଗଙ୍ଗାଜଳ ତୃଷ୍ଣା ପରି...
ସେ ସବୁ ବେଶି ନୃଶଂସ ଭାବେ ତିଳ ତିଳ କରି ମାରିଛି,
ଆଉ ମୁଁ ମରି ଯାଇଛି ।

ନା ବାନ୍ଧବ-ସହୋଦର, ନତୁବା ଶ୍ରେଷ୍ଠ ଅଭିସାର,
କେହି ତ ହେଲେ ମଧ୍ଯ ସଚେତନ କରାଇ ପାରିଲେନି,
ହଁ ମୁଁ ପରା ବୋଧହୁଏ ମରିଯାଇଛି;
ଶବ କୁ ବା ଉଠାଇବ କିଏ ?
କେଉଁ ସିଦ୍ଧ-ଅଘୋରୀ ଅଥବା ଐନ୍ଦ୍ରଜାଲିକ-ବାମାଚାରୀ...
କାହାକୁ ଡ଼କାଯିବ ? କିଏ ବା ପାରିଛି ନା ପାରିବ !
ଉଠିବାକୁ ମୁଁ ବି ଅବିରତ ଚେଷ୍ଟାରତ ହୋଇଛି,
ହେଲେ... ହାୟ ! ମୁଁ ସତେ ମରିଯାଇଛି !

ପାଟଳ ଗୁଳ୍ମକୁ ଆଦରିଛି,
କେବଳ ତାର ନୀଳ-ଲୋହିତ କଢ଼ି ଅବା
ରକ୍ତ-ଲୋହିତ ପାଖୁଡ଼ାର ସୁରଭି ଲାଳସାରେ ନୁହେଁ,

ବେଶି ଆନନ୍ଦ ବରଂ ତା'ର କଣ୍ଟକରେ;
ସଂକୁଚିତ-ଶିଥିଳୀତ ହୃଦ ଅଳିନ୍ଦ-ନୀଳୟକୁ ଆଘାତ କରିବାକୁ
ଅବା ତାଳବଦ୍ଧ ପ୍ରାୟ ମୁଦିତ-ଉନ୍ମୁକ୍ତ କପାଟିକାକୁ ବିଦାରି,
ଏକତରଫା ରୁଧିର ଝରାଇ ତାକୁ କଲମର ସ୍ୟାହି କରିବାକୁ !
ହେଲେ ସେ ନିର୍ଝରିଣୀ ଯେ ଆଜି ଶୁଷ୍କ !
ସେ ଧାରା ଯେ ବ୍ୟାହତ ହୋଇଛି !
ଓଃ ! ମୁଁ ପରା ମରି ଯାଇଛି ।

ମୃତ ଓ ଗଳିତପ୍ରାୟ ଶରୀରକୁ
ନରତ୍ୱାରୋପମୟ ସାହିତ୍ୟ ବିଭୂଷଣ ଦେଇ ତ ଭଲ ଗତି ନାହିଁ,
ହଁ ! ମାତ୍ର ସେ କାଳ ନା କେବେ କଳାକୁ ଗ୍ରାସୀ ପାରିଥିଲା ନା ପାରିବ,
ଅନେକ ଧମକ ଚମକ ସତ୍ତ୍ୱେ ସାହିତ୍ୟ ଯେ ଅମର ।
ସେ ବି ଛାତି ଫୁଲାଇ କେବେ ପଚାରିଦେବ
"ଶାରଦାଙ୍କ ବିତ୍ତରେ ଯମଙ୍କ ଅଧିକାର କେବେ ଠୁ ଆସିଗଲା ?
ଧର୍ମରାଜଙ୍କର ଏ ଯେ ଧୃଷ୍ଟତା ମାତ୍ର ! "
ହେଲେ ମୋ ପାଖେ ତ ଉତ୍ତର ନଥିବ,

ଯଦିଓ ଥାନ୍ତା ମୁଁ ନୀରବ ହିଁ ରହିଥାନ୍ତି,
କାରଣ ମୁଁ ମରିଯାଇଛି ।

ବିଷଧର ଫଣୀ ପରି ଅନେକ ଝଡ଼ ଝଞ୍ଜା-
ଅଚେତ ଅମୂର୍ତ୍ତ ଶରୀର ଟି ଉପରେ ଫଁ ଫଁ ଫୁତ୍କାର କରିଗଲେଣି,
ହେଲେ ତାହା ବିପରୀତ ଭାବେ ଶରୀର କ୍ରିୟାରେ ମନ୍ଦନ ଆଣୁଛି,
ଗଳନ ତ୍ୱରାନ୍ୱିତ ହେଉଛି,
ଏବେ ଫଣୀ ହେଉ ଅବା ଅନ୍ୟ କେହି
ଅହିତକର ପୂତିଗନ୍ଧମୟ ଶରୀର ଉପରେ କେହି ଏକାଧିକ ମୁହୂର୍ତ୍ତ
ତିଷ୍ଠିବେନି,
ସହସ୍ର ସୁନାମୀ, କୋଟି ବତାବର୍ତ୍ତ ପରେ ମଧ ମୁଁ ଅଟଳ-ନିଶ୍ଚଳ,
ମୁଁ...

ଯଦି କେହି ମୋ କବିତା ପଢ଼ିଥିବେ-
ଜୀବିତ ଥିବା ବେଳେ ଅନେକ ଥର କହିଛି,
ଅନେକ ଥର ଦୋହରାଇଛି, ହୁସିଆର କରାଇଦେଇଛି
କାଳ ଥାଉଁ ଥାଉଁ ଯଦି ନ ଆସି ପାରୁଛ

ସମାୟାନୁବର୍ତ୍ତୀ ହେବାକୁ ଚେଷ୍ଟା କର
ମୁଁ ମରିଗଲା ପରେ,
ନିରର୍ଥକ ବିଲକ୍ଷଣ ବିତଥ ନିଷ୍ଫଳ ଅଶ୍ରୁ ଧାରାର ତଡ଼ାଗ ଘେନି,
ଆସିବନି ତ ମୋ ସନ୍ନିକଟକୁ,
ହଁ ଦୁଇ ପାଖୁଡ଼ା ଫୁଲ ନେଇ ଆସିବ, ମୋ ପାଇଁ ନହେଲେ ନିଜ ପାଇଁ,
ତ୍ୱରାନ୍ୱିତ ଭାବେ ଗଳିତ ହେଉଥିବା ଶରୀରର ଦୁର୍ଗନ୍ଧରୁ ବର୍ତ୍ତିବା ନିମିତ୍ତ !
ହେଲେ ବ୍ୟର୍ଥ ଲୋତକ ଢ଼ାଳି ସେ ଫୁଲ ଦେବନି ମତେ...
ଓଦା ଓଦା ଲାଗିବ, ଭାରି ଅସୁଖିଆ ଲାଗିବ...
ଧେତ୍ ! କଣ ଯେ କହେ ! ମୁଁ ପରା ମରି ଯାଇଛି ।

ମୁଁ ଏକ ପ୍ରକାର ଅଭିଶପ୍ତ,
ହେଲେ ନାହିଁ କୌଣସି କାମନା-ବାସନା, ଆସକ୍ତି-ଯାଚନା ।
ମୁଁ ନୀରବ; ନାହିଁ... ନୀରବିକୃତ ।
ଜିଜ୍ଞାସାରେ ବାକି ରହିଥିବା ପ୍ରଶ୍ନ ଓ ରହସ୍ୟାନ୍ୱେଷଣକୁ
ଟେକା ପଥର ପରି ଯେତେ ମୋ ବକ୍ଷକୁ ନିକ୍ଷେପ କଲେହେଁ
ଉତ୍ତର ଅସମ୍ଭବ ।

ମୁଁ ଏବେ ନିରୁତ୍ତର, ନିଦାବିଷ୍ଟୁ କାଳିଆ ପରି ନୁହେଁ
କହିପାର କଟୂକ୍ତିରେ ନିର୍ଲଜ୍ଜ ମର୍କଟ ପରି ।
ହେଲେ କି ଫରକ, ସମୟ ତ ଅତିବାହିତ ହୋଇ ଯାଇଛି,
ମୁଁ ସେଦିନ ଜୀବିତ ଥିଲି, ଆଜି ମରି ଯାଇଛି ।

କୌଣସି ଦୁର୍ଘଟଣାରେ କି ହିଂସ୍ର ଚତୁସ୍ପଦ ଅବା ଦୁର୍ବୃତ୍ତ
ଆକ୍ରମଣରେ ନୁହେଁ,
ମୁଁ ତ ଶ୍ୱାସରୁଦ୍ଧ ହୋଇ ଦେହ ତେଜିଛି ।
ଅସଂଖ୍ୟ କଥା, ଭାବନା, କଳ୍ପନା, ସମାଲୋଚନା ଆଦିରେ
କ୍ଷତାକ୍ତ ହୋଇ ଲହୁ ବୁହାଇ ଦେହ ତେଜିଛି,
ମୁଁ ପ୍ରତାରଣା ରେ ଦେହ ତେଜିଛି,
ମୁଁ ନିଜକୁ ଅବହେଳା କରି ପଶ୍ଚାତାପରେ ଦେହ ତେଜିଛି ।
ମୁଁ ମୋ ସମୟରୁ ସ୍ୱାର୍ଥୀ ମାନଙ୍କୁ କ୍ଷଣ ବାଣ୍ଟି ବାଣ୍ଟି ଆୟୁଷ ହରାଇଛି ।
ମୁଁ...

ପରିବର୍ତ୍ତନ ତ ବିଧାତାଙ୍କ ଲକ୍ଷ୍ୟ, ସର୍ଜନାର ନିୟମ ।
ଆଜି ବଡ଼ ଏକ ପରିବର୍ତ୍ତନର କ୍ଷଣ ଉପନୀତ,

ଲାଗିପାରେ ଚକିତ ଅବା ବ୍ୟଥିତ,

ମାତ୍ର ଏହା ଅକାଟ୍ୟ, ଏହା ହିଁ କଠୋର ସତ୍ୟ ।

କାଲି ଥିଲି ବୋଲି ଅସମୟରେ ଅପ୍ରିୟ ହେବାକୁ ପଡ଼ିଲା,

ସେ 'କାଲି'କୁ ତ ଏବେ ମୁଁ ମୋ ହାତରେ ମୁଠେଇ ନେଇ ଯାଉଛି,

ମୋ ଭିତରର ସେ 'ମୁଁ' ଟା ଆଉ ନାହିଁ,

ସମଗ୍ର କାୟା ଆଜି ନିର୍ଜୀବ, କାରଣ

"ମୁଁ" ଟା ଆଜି ମରି ଯାଇଛି ।

ମୁଁ...

*****

ନିମାପଡା, ପୁରୀ



# ଜୀବନ

ଶୁଭଲକ୍ଷ୍ମୀ ମହାପାତ୍ର

ଜୀବନ କି ଦବୁ ତୁ ସ୍ନେହ...

ଭରି ଦବୁ କି ଆଖିରେ ଅଳସି ସପନ ?

ରଙ୍ଗ କି ତୁ ପାରିବୁ ଭରିବୁ ମୋ ମନେ,

ବୁଝେଇ ଦବୁ କି ଏ ବାସ୍ତବ ସଂସାରେ..

କେଉଁ ସୁଖେ ଖୋଜେ ଏ ପ୍ରାଣୀ..

ଏ ଜୀବନ...

ଜୀବନ କି ଅଟେ ସତେ ରସମୟ,

ତୁ କି ଶିଖାଉ ଇଏ କି ସମୟ ...

ବୁଝେଇ ଦବୁ କି ମୋତେ ତୁ କଣ ?

ଜୀବନ ଦେଇ ପାରିବୁ କି ମୋତେ

କିଏ ତୁ କ'ଣ ତୋର ପରିଚୟ ...

ଭାବୁଛି ମୁଁ ଯେବେ ଯିବି ପାଇ

ତୋର ସେ ବାସ୍ତବ ପରିଚୟ.

ବୁଝି ଯିବି ମୁଁ ତୁ କେଉଁ ଗୀତାର କେଉଁ ଅଧ୍ୟାୟ ...

*****

କୁଜଙ୍ଗ, ଜଗତସିଂହପୁର



# ଆରିସା ପିଠା

ଫକୀର ମୋହନ ମହନ୍ତ

ମାଆ...

ଆଜି ତୋର ଆରିସା ପିଠା ମନେ ପଡିଲା...

କେତେ ସରାଗରେ

ଆମେ ମିଶିକି କରୁଥିଲେ ନୁହେଁ ?

ତୁ ଚାଉଳ ବତୁରେଇ ଦେଉଥିଲୁ

ଆଉ ତାକୁ ଢେଙ୍କିରେ ଆମେ ମିଶିକି କୁଟୁଥିଲୁ...

କାଠ ଚୁଲିରେ ଗୁଡ଼ର ଶିରା...

ସେଥିରେ ଚାଉଳ ଚୂନା ପକେଇ

କେଡେ ସୁନ୍ଦର ପାଗ ତୁ କରୁନଥିଲୁ !

ଚୂଲିପାଖେ ଆରିସା ଛାଣୁ ଛାଣୁ

କେତେ ଉପଦେଶ ଦେଇଯାଉଥିଲୁ

ତୋର ଅତୀତକୁ ବଖାଣି ବସୁଥିଲୁ

ଆଉ ସେତିକି ଶୁଣିବି ବୋଲିତ

ତୋ ସହ ମୁଁ ପିଠା କରୁଥିଲି

କେଡେ ସାବଧାନରେ ତତଲା ତେଲରେ

ପିଠା ଛାଣିବାକୁ ହୁଏ ତୁ ତ ଶିଖେଇଥିଲୁ

ଠିକ ଆଜିବି ମୁଁ ସେମିତି ଚାଲୁଛିଲୋ

ମୋ ଚଲାପଥରେ

ଖୁବ ସାବଧାନରେ...

ମୁଁ ଜଲଦି ଯିବି ଯେ

ପୁଣିଥରେ ଆମେ ଆରିସା କରିବା

ତୁ ପୁଣି ତୋର ମନର କଥା କହିବୁ

ଆଉ ମୁଁ ନୀରବ ଶ୍ରୋତାଟିଏ ହେଇ

ସବୁ ଶୁଣିଯିବି....

*****

ମରୁଆବିଲି, ଢେଙ୍କାନାଳ

# ଢେଙ୍କାନାଳ ମୋ ଘର




ସମ୍ବିତ୍ ସତ୍ୟପ୍ରକାଶ

ସବୁଜଗିରି କାନନଭରା
କି ସୁନ୍ଦର ପରିବେଶ,
ଏଇ ଢେଙ୍କାନାଳ ମୋ ଘର,
ବିରିବରାର ଆହାଃ କି ସ୍ୱାଦ
ଦିଅଦିଅ ବେଶି ଖାଏ ମୁଁ ଆଗ,
ମନ ହେଲାଣି ଉଚ୍ଛୁର ।

ଚନ୍ଦ୍ରଶେଖର ସାହା ସବୁରି
ବିରାଜିତ କପିଳାସେ,
ଜଗତ ଉଦ୍ଧାର ମହିମା ଅଲେଖ
ଶୁଭେ ମହିମା ଗାଦିରେ ।

ପାଠପଢାରେ କଳା କୃତିରେ
ଆଗରେ ରଖେ ନା,
ସରଳ ମନରେ ଭେଟାଭେଟି ହୁଏ
ବୁଲିଗଲେ ଟିକେ ଗାଁ ।

ସାୟଂକାଳର ସୁଶୀତଳତା
ମନେପଡେ ଆଜି ମୋର,
ମୋ ଘର ଦେଉଳରୁ କାହିଁ ଦୂରେଇଲ
ନୟନେ ମୋ ବାଷ୍ପାଜଳ ।

ସିଦ୍ଧ ବଳରାମେ କରୁଛି ମାଗୁଣି
ଏଇ ଅନ୍ଧ ସମାଜ ପାଇଁ,
ବାଢିଦିଅ ପ୍ରଭୁ ଜ୍ଞାନର ପ୍ରସାଦ
ଚକ୍ଷୁ ପାଉ ଆମ୍ଭେ ସାଇଁ ।

*****

ଢେଙ୍କାନାଳ



# ବାସହରା ଆଜି ଘରଚଟିଆ

ରଞ୍ଜିତା ଦାସ

ନା ଅଛି ଚାଳ ଛପରର ଘର,
ନା ଅଛି ମାଳ ମାଳ ବୃକ୍ଷର ଆସର ।
ସବୁ ଆଡେ ଦିଶେ କଂକ୍ରିଟ ରାସ୍ତା,
ସବୁଜ ବନାନୀ ଆଜି ହରାଏ ଯେ ଆସ୍ଥା ।
ଗାଁରୁ ସହର କୋଠାଘରର ଆସର,
ମଣିଷକୁ ଘାରେ ଚିନ୍ତା କେବଳ ନିଜ ସ୍ୱାର୍ଥର ।
ନା ଅଛି ଚାଳଘର ପୀଢା,
ନା ଅଛି ଚାଳଘର ମାଣ୍ଟୁ,
ଘରଚଟିଆ ଆଜି ହେଇଛି ସ୍ୱପ୍ନହରା,
ବାସ ସେ ହରେଇ ହେଇଛି ବାସହରା ।

ବିଲୁପ୍ତ ପ୍ରାୟ ପକ୍ଷୀ ଇଏ ମିଳେନି ଦେଖିବାକୁ,

ତା' କିଚିରିମିଚିରି ଶବଦ ମନେ ପକାଏ ମୋ ପିଲାଦିନକୁ ।

ପିଲାଦିନେ ବହିରେ ପଢ଼ିଥିଲି ତା' କାହାଣୀ ମାଳମାଳ,

ଆଜି ସେ ସବୁ ଲାଗେ ସ୍ମୃତି ଆଉ ସ୍ୱପ୍ନ ଯେ କେବଳ ।

*****

ଏନ୍.ଆଇ.ଟି, ରାଉରକେଲା



# ଏଇ କଣ ସ୍ୱାଧୀନତା

ପ୍ରଶାନ୍ତ କୁମାର ବେହେରା

ଏଠି କୁଆଡେ ଦେଶ ସ୍ୱାଧୀନ
ଆଉ ଆମେ ବି ସ୍ୱାଧୀନ ?
କିନ୍ତୁ ଏଇ ସ୍ୱାଧିନତା ଭିତରେ
ଅହରହ ନାରୀର ଇଜତ୍
ଲୁଟ୍ ହୋଇଚାଲେ
ଦିନର ସ୍ୱଷ୍ଟ ସୂର୍ଯ୍ୟାଲୋକରେ
ଆଉ ରାତିର ବି ସେଇ
ଗାଢ ଅନ୍ଧକାରରେ ।

କ'ଣ ବା ଭୁଲ୍ ଥିଲା ଉନ୍ନାଓର
ସେଇ ବିଚାରୀ ଝିଅଟିର ?

ଗୁହାରିବେ କରି ଡାକିରିବେ ପାଇଁ

କେବଳ ଆସିଥିଲା ଧାଇଁ

ଭୋଟ ପାଇ ରକ୍ଷକ ହୋଇ

ଭକ୍ଷକ ସାଜି ବସିଥିବା ସେଇ

ଲମ୍ପଟ 'ସେଙ୍ଗାର' ପାଖକୁ ।

ହେଲେ କଣ ପାଇଲା

ସେଇ ହତଭାଗିନୀ ?

ତା' ରୂପ ସୌନ୍ଦର୍ଯ୍ୟ ପାଇଁ

ସେଠି ହୋଇଗଲା ଦୁଷ୍କର୍ମର ଶିକାର ।

ଉତ୍ପୀଡନ ଓ ଅତ୍ୟାଚାରରେ

ନିଷ୍ଠୁର ମାଡ ଖାଇ

ବାପା ତା'ର ଟିକେଟ୍ କାଟିଲା

ଆରପାରିକୁ ଆଉ ଦାଦା

ମିଛ କେସ୍ ଖାଇ

ଜେଲର ଚାରିକାନ୍ଥ ଭିତରେ

ଥାଇ ସଢୁଛି ସେ ଆଜି ।

ଦୁର୍ଘଟଣାର ଚକ୍ରବ୍ୟୁହ୍ୟ ରଚି

ତାକୁ ଓ ତା' ପରିବାରକୁ

ମୂଳପୋଛ କରି ଦେବାକୁ

ସେଇ ସଇତାନ୍ ଜେଲରେ ରହି

କଲା ସୁନ୍ଦର ଆୟୋଜନ ।

ଏବେ ବିଚାରୀ ମେଡିକାଲରେ

ଭେଣ୍ଟିଲେଟରରେ ରହି

ମୃତ୍ୟୁ ସହ କରୁଛି ସଂଗ୍ରାମ ।

ବହୁନାରୀ ଆଜି ମଧ୍ୟ

ଲଜ୍ଜା ଓ ସାମାଜିକ

ପ୍ରତିଷ୍ଠାହାନୀର ଭୟରେ

ନିଜ ହୃଦୟକୁ ଚୁର୍ ଚୁର୍ କରି
କାମୁକ ପୁରୁଷର ଯାବତୀୟ
ଯୌନ ବିକୃତିକୁ ସ୍ୱୀକୃତି ଦେଇ
ସହ୍ୟ କରି ଚାଲିଛନ୍ତି
ତାଙ୍କ ନିଭୃତ ନାରୀତ୍ୱର
ସେଇ ସବୁ ବିଭସ୍ଥ ବ୍ୟଥା ?

କି ଆଶ୍ଚର୍ଯ୍ୟ ସତରେ !
ନାରୀ କଣ ଏବେବି
ବନ୍ଦୀ ସେଇ ଲମ୍ପଟ ପୁରୁଷର
ପଣ୍ୟଶାଳାରେ ?
କେତେଦିନ ନାରୀ ସହୁଥିବ
ଏମିତି ନିର୍ଯ୍ୟାତନାର
ସେଇ ସବୁ କରୁଣ କାହାଣୀ ?
ଏଇ କଣ ସ୍ୱାଧୀନତା ?

ବିଦେଶୀ ଆତଙ୍କବାଦୀଙ୍କ ଠାରୁ

ଢେର୍ ଭୟଙ୍କର

ନୁହନ୍ତି କି ଏହି ଲମ୍ପଟ ଗୁଣ୍ଡା ?

*****

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ

ସ୍ୱାମୀ ବିବେକାନନ୍ଦ ସ୍ମାରକ

ସ୍ୱୟଂଶାସିତ ମହାବିଦ୍ୟାଳୟ,

ଜଗତସିଂହପୁର

# ଗଦ୍ୟ ବିଭାଗ

"ଜଣେ ପୁରୁଷ ବି ସୃଷ୍ଟିକର୍ତ୍ତାଙ୍କ
ନିୟମାନୁସାରେ ଜନ୍ମ ଦେବାର ଦେବତ୍ୱ
ଅନୁଭବରୁ ବଞ୍ଚିତ ହେଇ ମଧ୍ୟ ନିଜର ତ୍ୟାଗ,
ଭଲ ପାଇବା, ସ୍ନେହ ଓ ନିଷ୍କପଟତା ପାଇଁ
କାହାର ହୃଦୟରେ ମାତୃତ୍ୱର ଆସନରେ
ଉପବେଶନ କରି ପାରିବ "

**ରୋଜା ପଣ୍ଡା**



# ଭାବନାର ଅନ୍ତରାଳେ

ରାଜୀବ ଲୋଚନ ସାହୁ

"ରାମବାବୁ ଚିଠି ଆସିଛି !" ପୋଷ୍ଟମ୍ୟାନ କବାଟ ବାଡେଇ ଡାକରା ଦେଲା । ମୋ ଝିଅ ଗୁଡି କବାଟ ଖୋଲି ପୋଷ୍ଟମ୍ୟାନ ଅଙ୍କଲଠୁ ଚିଠି ଆଣି ଡ୍ରଇଂରୁମରେ ପଶିଲା । ମୁଁ ବସି ପେପର ପଢୁଥିଲି । "ବାବା.. ଜେଜେ ଚିଠି ପଠେଇଛନ୍ତି "ଝିଅ ମୋର ହସିହସି ଚିଠିଟି ଖୋଲୁଥିଲା । ରୋଷେଇ ଘରେ ଥାଇ ସ୍ତ୍ରୀ ବଡ ପାଟିରେ କହିଲେ "ହେଇ ଶୁଣୁଛ !", ବାପାଙ୍କର ପୁଣି ଚିଠି ଆସିଛି । ମନେ ପଡୁଛି ଟି ? ଗଲାବର୍ଷ ଠିକ୍ ଏଇ ମାସରେ ଫସଲ ଅମଳ ପରେପରେ ଚିଠି ପଠେଇ ଥିଲେ । ଲେଖିଥିଲେ ପୁଅ ଚାଷରେ ଏଥର ବହୁତ କ୍ଷତି ହେଇଚି । ତୁ ଯୋଉ ୧୦ହଜାରେ ଟଙ୍କା ଧାନଚାଷ ପାଇଁ ପଠେଇ ଥିଲୁ ସେତକ ବି ପାଇବା ଭାରି କଷ୍ଟ । ଆମେ ବୁଢାବୁଢ଼ୀ ଦୁଇଟି ମୂଳ ପଇସାରୁ ଯାହା କିଛି ବାହାରିବ ସେଥିରେ ଏମିତି ସେମିତି କରି ଚଳିଯିବୁ । ଆମେ ଭଲରେ ଅଛୁ ଆମ କଥା ଚିନ୍ତା

କରିବୁନି ।"ଏତିକି କହି ସାରିବା ପରେ ସ୍ତ୍ରୀ ମୋ ପାଖରେ ଆସି ବସି ପଡିଲେ ଆଉ ପୁଣି କହିବା ଜାରି ରଖିଲେ..."କାଳେ ସେମାନେ ଅସୁବିଧାରେ ରହୁଥିବେ ଭାବି ତୁମେ ସେ ଚିଠି ପଢି ପୁଣି ସବୁ ମାସରେ ୧୦୦୦ ଟଙ୍କା ପଠେଇ ଚାଲିଲ । ଗଲାବର୍ଷ ପରି ଏଥର ବି ଠିକ୍ ଏକା ମାସରେ ଚିଠି ଆସି ପହଁଚିଛି । ଆଉ କଣ ଲେଖିଥିବେ.. ସେଇ ଏକା କଥା ଫସଲ ଉଜୁଡି ଗଲା । ବିହନମଞ୍ଜି ଗଛ ହେଲାନି । ଅମୁକ ଢମୁକ ଅସୁବିଧା । ଶେଷରେ ଲେଖିଥିବେ ଆମେ ବୁଢାବୁଢ଼ୀ ଭଲରେ ଅଛୁ । ଯଦି ଭଲରେ ଅଛନ୍ତି ତା' ହେଲେ ଏ ଅସୁବିଧା ସବୁ ଲେଖିକି ଜଣେଇବାର ମାନେ କଣ ? ଚଳିବା ପାଇଁ ଟଙ୍କା ଦରକାର ଅଛି, ସିଧାସିଧା ଜଣେଇଲେ କ'ଣ ହବନି ? କ୍ଲର୍କ ଚାକିରିଟେ କରିଛ ଯେ ସମସ୍ତେ ଭାବୁଛନ୍ତି କଲେକ୍ଟର ପୋଷ୍ଟ ଗୋଟେ ପାଇଛ ।"

ଗୋଟେ ନିଶ୍ୱାସରେ ଧର୍ମପତ୍ନୀ ମୋର ଏସବୁ କହି ଚୁପ୍ ହେଇ ଗଲେ । ମୁହଁରୁ ତାଙ୍କର ବିରକ୍ତି ବୋଧର ଛାପ ସ୍ପଷ୍ଟ ବାରି ପାରୁଥିଲି ।

"ବାବା ଚିଠି ପଢ଼ିବି ନା ନାହିଁ ? ଝିଅ ଗୁଡି ଆମ ଦୁଇଜଣଙ୍କୁ ଚାହିଁ ପ୍ରଶ୍ନ କଲା । ମୁଁ ଖବର କାଗଜର ପୃଷ୍ଠା ଓଲଟ ପାଲଟ କରୁକରୁ କହିଲି ହଉ ପଢେ" । ଝିଅ ଆରମ୍ଭ କଲା...

"ପୁଅ", ମୋର ଆଉ ତୋ ବୋଉର ଆଶୀର୍ବାଦ ନବୁ । ବୋହୂକୁ ଆମ କଲ୍ୟାଣ ତଥା ଗୁଡି ପାଇଁ ଅଜସ୍ର ସ୍ନେହ ଜଣେଇବୁ । ଆଶା ତମେ ସବୁ ଠାକୁରଙ୍କ ଆଶିଷରୁ ବହୁତ ଭଲରେ ଥିବ । ପୁଅ.. ଆଜି ତୋତେ ଗୋଟେ ଖୁସି ଖବର ଜଣଉଛି । ତୁ ସବୁ ମାସରେ ଚଳିବା ପାଇଁ ଯୋଉ ହଜାରେ ଟଙ୍କା ପଠାଉଥିଲୁ, ସେଥିରୁ କିଛି କିଛି ସଞ୍ଚିକି ରଖିଥିଲୁ । ଏଇ ଗଲା ଖରା ସିଜିନିରେ ଭଲ କିସମର ପନିପରିବା ମଞ୍ଜି କିଣି ବିଲରେ ଲଗେଇଥିଲି । ଠାକୁର ସାହା ହେଲେ । ଠିକ୍ ଟାଇମିରେ ଭଲ ବର୍ଷା ହେଲା ସବୁ କିସମର ପନିପରିବା ଯେମିତିକି ବାଇଗଣ, ପୋଟଳ, ଗାଜର କୋବି ସବୁ ଭଲହେଲା । ବଜାରରେ ପରିବା ରେଟ୍ ବି ବହୁତ ଥିଲା । ହାଟ ବଜାରରେ ବିକି ଭଲ ଦୁଇ ପଇସା କମେଇଲି ।

ମୁଁ ଜାଣିଛି ତୁ ସେଠି ସହରରେ ସ୍ତ୍ରୀ ପିଲା ଧରି ଚଳିବାରେ କଷ୍ଟ ହଉଥିବ । ଏ ଯୋଉ ପରିବାଚାଷରୁ ଲାଭ ମିଳିଛି ସେଥିରୁ ଆମ ଦୁଇଜଣଙ୍କ ବରଷ ସାରା ଚଳିବା ଖର୍ଚ୍ଚ ଛାଡି ବାକି ସବୁ ତୁମ ମାନଙ୍କ ପାଇଁ ରଖି ଦେଇଛି । ୫୦ ହଜାରେ ଟଙ୍କା ତୁମ ଦୁଇଜଣଙ୍କ ପାଇଁ ଆଉ ୧୦ ହଜାରେ ମୋ ଗେହ୍ଲି ନାତୁଣୀ ଗୁଡିର ପଢା ଖର୍ଚ୍ଚ ପାଇଁ । ଏତେ ଟଙ୍କା ଧରି ସହରକୁ ଯିବାକୁ ଏ ବୁଢାର ସାହସ ପାଉନି । ତୁ ଆସି ନେଇଗଲେ ବହୁତ ଭଲହବ । ଗୁଡାଏ ବରଷ ହେଲା ବି ତମ ସମସ୍ତଙ୍କୁ ଦେଖିନୁ । ତୋ ମା' ଆଉ ମୁଁ ତୁମ ଆସିବା ବାଟକୁ ଅନେଇ ରହିଲୁ ।"

( ଇତି )

"ତୋର ବାପା"

ଚିଠି ପଢ଼ା ଶେଷପରେ ମୋ ସ୍ତ୍ରୀ ନିର୍ବାକ ! ଆଖିଏ ଲୁହ । ମୁଁ ବି ନିଜ ଲୁହକୁ ରୋକିବାକୁ ଯାଇ ହସି ହସି କହିଲି..ଗୁଡି ! ଏଥର ରଜଦୋଳି ଗାଁରେ ଖେଳିବୁ ତୁ... ଗାଁକୁ ଯିବା ପାଇଁ ଜିନିଷ ରେଡି କରେ ।

ମୋ ଝିଅ ଓଠରେ ଟେନାଏ ମିଠାହସ ଆପେଆପେ ବାହାରି ଆସିଲା ।

*****

ଗ୍ରାମ :ସାନଗାଁ, ପୋ: ଜିଲିଣ୍ଡା,

ନରସିଂହପୁର, କଟକ



# ଭଡାଘର

ଶ୍ରୀମତୀ ଚିନ୍ମୟୀ ମିଶ୍ର

ସ୍ରଷ୍ଟାଙ୍କ ସୃଷ୍ଟିରେ ମନୁଷ୍ୟ ସର୍ବଶ୍ରେଷ୍ଠ ଏବଂ ସର୍ବଶେଷ ପ୍ରାଣୀରୂପେ ବିବେଚିତ । ସମାଜରେ ବଞ୍ଚି ରହିବା ପାଇଁ, ମନୁଷ୍ୟର ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ନିତ୍ୟାନ୍ତ ଆବଶ୍ୟକ । ପଶୁ, ପକ୍ଷୀ ଓ କୀଟପତଙ୍ଗ ମାନେ ନିଜେ ନିଜର ବାସଗୃହ ନିର୍ଦ୍ଧାରଣ କରିଥାଆନ୍ତି । ମନୁଷ୍ୟ ମଧ୍ୟ ନିଜଘରେ ଶାଗଭାତ ଖାଇ ଖୁବ୍ ଶାନ୍ତିରେ ରହିଥାଏ । ପ୍ରକୃତରେ, ସେ ଯଦି ଭଡାଟିଆ ନାମରେ ନାମିତ ହୋଇ ପରଘରେ ଭଡା ଦେଇ ରହେ, ତେବେ ସେହି ଭଡାଘରେ ବିଭିନ୍ନ ପ୍ରକାର ସମସ୍ୟା ତା ଆଖି ସାମନାକୁ ଆସେ । ଯେହେତୁ ସେ ଭଡାଟିଆ, ସେଥିପାଇଁ ସେସବୁ ସମସ୍ୟାକୁ ଆବୋରି ନେଇ, ସେହି ଭଡାଘରେ ନିଜଘର ପରି ଚଳୁଥାଏ ସତ କିନ୍ତୁ, ତା' ମନରେ ଆଦୌ ଶାନ୍ତି ରହେନାହିଁ ।

ଆମର ଜେଜେମା, ଜେଜେବାପା ମାନେ ଯେମିତି ନାତି ନାତୁଣୀ ମାନଙ୍କୁ ଗପ କହିଲାବେଳେ କହନ୍ତି, ଦୁଃଖ କହିବି, କି ସୁଖ କହିବି, ନା ଯାହା ଅଙ୍ଗେ ଲିଭାଇଛି ତାହା କହିବି । ଠିକ୍ ସେମିତି, ମୁଁ ପରିବାର ସହ ଭଡାଘରକୁ ଆଶ୍ରୟସ୍ଥଳୀ କରି, ସେହି ଭଡାଘର ମାନଙ୍କରେ ଚଳିବାରେ ଯାହା ସବୁ ଅଙ୍ଗେ ଲିଭାଇଛି, ସେହି ଅଙ୍ଗେ ଲିଭାଇଥିବା କଥାକୁ ଗଳ୍ପ ମାଧ୍ୟମରେ ଲେଖନୀ ମୁନରେ ଲେଖି ଦେଇଛି, ଆଉ ଗଳ୍ପଟିର ନାମକରଣ "ଭଡାଘର" ବୋଲି ରଖିଛି । ତେବେ ପାଠକମାନେ, ଆଉ କାହିଁକି ଡେରି କରିବା, ଏବେ ମୋର ଭଡାଘର ଜୀବନର କାହାଣୀ, ପଢିବା ପାଇଁ ଆରମ୍ଭ କରନ୍ତୁ ଏବଂ ନିଜେସବୁ କଥା ଅନୁଭବ କରନ୍ତୁ ।

ରୋଷେଇ ଘରେ ଗ୍ୟାସଚୁଲ୍ଲାରେ କରେଇ ବସାଇ ଡାଲି ବଘାରୁ ଥିଲେ ସୁଲତା । ଫୁଟଣ ଫୁଟିବା ଭିତରେ, ସେ ଭାବିଚାଲିଥିଲେ, ନିଜଘର ଆଉ ଭଡାଘର ମଧ୍ୟରେ ଥିବା ଆକାଶ ପାତାଳ ପ୍ରଭେଦ । ପୁରୀର ଶାନ୍ତି ନିବାସର ସ୍ୱର୍ଗସୁଖକୁ ଛାଡି ଆସିବା ପରେ, ଭୁବନେଶ୍ୱରରେ ବୋର୍ଡ

କଲୋନୀ କ୍ୱାଟରରେ ଦୀର୍ଘ ତିରିଶି ବର୍ଷକାଳ ବେଶ୍ ହସଖୁସିରେ ବିତିଯାଇଥିଲା । ସ୍ୱାମୀ ସୌମ୍ୟକାନ୍ତଙ୍କର ଅବସର ପରେ, ନିଜଘର ପୁରୀକୁ ଆଉ ଫେରିଯିବାର ଉପାୟ ନଥିଲା । ପୁଅ ରାଜାର ବ୍ୟବସାୟ, ସାନଝିଅ ରିତୁର ଚାକିରିକୁ, ଆଖି ଆଗରେ ରଖି, ଭଡାଘରେ ରହିବା ପାଇଁ ବାଧ୍ୟ ହେଲୁ । ତେଣୁ ସପରିବାର ଏହି ଭଡା ଘରଟିକୁ ଆଦରି ନେଇଥିଲୁ । ଭଡାଘରର ନରକ ଯନ୍ତ୍ରଣାକୁ ଅଙ୍ଗେ ଲିଭାଇ ଥିବାରୁ, ନିଜ ଭାଗ୍ୟକୁ ନିନ୍ଦା କରୁଥିଲେ ସୁଲତା । ନୂଆକରି ଭଡାଘରେ, ରହିବାର କିଛି ଦିନପରେ, ସେହି ଘରର ବିଭିନ୍ନ ପ୍ରକାର ଅସୁବିଧା ଆମମାନଙ୍କୁ ଭୋଗ କରିବାକୁ ପଡିଥିଲା । ଫୁଟଣ ଫୁଟିଯିବା ପରେ, ଡାଲି ମୁନ୍ଦାକ କରେଇ ସେ କରି ଅଜାଡି ଦେଲାବେଳକୁ ରାଜା, ତା'ର ସାର୍ଟ ପ୍ୟାଣ୍ଟକୁ ଦେଖାଇ କହିଲା, ଧେତ୍ ତେରିକେ... ଦେଖିଲୁ ଦେଖିଲୁ ବୋଉ, ମୋର ପ୍ୟାଣ୍ଟ ସାର୍ଟ ସବୁ କେମିତି ଫିଙ୍ଗି ହୋଇଯାଇଛି । ମୁଁ ଏବେ କ'ଣ ପିନ୍ଧି ଦୋକାନକୁ ଯିବି କହିଲୁ ? ତା' ପଛକୁ ରିତୁ ତା'ର ଅଫିସ୍ ଡ୍ରେସକୁ ଦେଖାଇ କହିଲା, ବୋଉ ଦେଖିଲୁଣି, ମୋର ଏ ଡ୍ରେସଟା ଖାଲି

ଓଦାଳିଆ ଗନ୍ଧ ହୋଉଛି, ଏହି ଡ୍ରେସ୍ ପିନ୍ଧି ଅଫିସରେ ବସି କେମିତି କାମ କରିବି ଯେ... । ତା'ପରେ ଆସିଲା ପତି ପରମେଶ୍ୱରଙ୍କର ପାଳି । ସେ, କହିଲେ, ବୁଝିଲ, ସୁଲତା, ଏ ଘରକୁ ଆସି ମଣିଷ ଭାରି ହଇରାଣ ହେଲା । ଦେଖିଲଣି, ମୋର ଧଳାଧୋତି ସବୁ କଳାଛିଟି ମାରିଯାଇଛି । ଏ ଧୋତି ପିନ୍ଧି କ'ଣ ବାହାରକୁ ଯାଇପାରିବି ? କ'ଣ କରୁଛକି ସୁଲତା, ବେଡ୍ ରୁମରେ ଆଲମାରୀ ପଛପଟର ଫଟା କାନ୍ଥରୁ ପାଣି ଧାର ବୋହି ଆସି ଘରସାରା ପାଣିରେ ଲହଡା ମାରୁଛି । ଅଖା ଖଣ୍ଡେ ନେଇ ସେ ଘରକୁ ଟିକିଏ ପୋଛି ଦେଇ ଆସିଲେ ଭଲ ହୁଅନ୍ତା । କହି ସୌମ୍ୟକାନ୍ତ ଚାଲିଗଲେ ଡ୍ରଇଁ ରୁମ୍ କୁ । ସୁଲତା, ଶୁଣେଇ ଶୁଣେଇ କହିଲେ, ମୁଁ ଏକା ଖାଲି ଏଘରେ ଭଲରେ ଚଳୁଛି, ତୁମେ ବାପପୁଅ ପରା ଏ ଘର ବାଛିଥିଲ । ମୋ ଉପରେ ଏଣିତି ଝଡେଇ ହେଲେ ମୁଁ କ'ଣ କରିବି । ଘର ଭିତରେ କେଉଁଠି ଗୋଟିଏ ନଳା ନାହିଁ ଯେ, ଖଡିକା ଝାଡୁରେ ଓଳାଇ ଦେଲେ ପାଣି ପଡିବା ଜାଗାଟା ଶୁଖି ଯାଆନ୍ତା । ଏ ସନ୍ତସନ୍ତିଆ ଘରକୁ କନା

ଖଣ୍ଡେ ଧରି ପୋଛି ପୋଛି ମୋ ହାତ କେନ୍ଦା ପଡିଗଲାଣି । ଯେତେ ପୋଛିଲେ ମଧ୍ୟ ଘରୁ କାଳି କଳାପାଣି ନିଗିଡି ପଡୁଛି । ମଲାମୋର, ଏମିତି ମଣିଷକୁ ହନ୍ତସନ୍ତ କରି, ଘର ମାଲିକ ମାନେ କ'ଣ ଭଡା ନିଅନ୍ତି । ହଁ, ଭଡା ନେବେନି କାହିଁକି । ଘର ଖଣ୍ଡେ ତିଆରି କରି ଭଡା ଆଦାୟ କରିବା ଆଜିକାଲି ଲୋକମାନଙ୍କର ବଡ ବେଉସା ହୋଇଗଲାଣି । ଦେଖିବ ଆସ, କ'ଣ ଶୁଭୁନିମ... ତୁମେ କଥା କହିଲା ବେଳକୁ ମୁଁ କାନ ପାରି ଶୁଣୁଥିଲି, ଆଉ ମୋ କଥା କ'ଣ ତୁମକୁ ଶୁଭୁନି । ଓହୋ ବୁଝିଗଲି, ଟି.ଭିରେ ଗୋଟିଏ ଭଲ ସିରିଏଲ୍ ଚାଲିଛି ବୋଧେ, କହି ଅଖା ଖଣ୍ଡେ ଧରି ବେଡ୍ ରୁମକୁ ପଶି ଆସିଲେ ସୁଲତା । ଅଖାରେ ଘରକୁ ପୋଛିସାରି, ସୌମ୍ୟକାନ୍ତଙ୍କର ହାତକୁ ଧରି ରୋଷେଇ ଘରକୁ ଆଣି କହିଲେ, ଦେଖିଲ ଏମିତି ଘରେ କ'ଣ ରୋଷେଇ କରନ୍ତି । ଗ୍ୟାସ୍ ଷ୍ଟାଣ୍ଡ ପାଖରେ ପାଣି, ହିଟର ପାଖରେ ପାଣି, ବେସିନ୍ ଟା ଫାଟି ଯାଇଛି ଯେ, ଘର ସାରା ଖାଲି ପାଣି ଭାସୁଛି । ପାଣିରେ ଠିଆହୋଇ, ରୋଷେଇ କରି

ବୋହୂର ଗୋଡ ପାଣି ଖାଇଗଲାଣି । ସୁଲତାଙ୍କ କଥା ଶୁଣି ସୌମ୍ୟକାନ୍ତ କହିଲେ କ'ଣ ହେଲା ଯେ, ଏ ଘରେ ଭଡା ରହିବା ପୂର୍ବରୁ ତୁମେ, କ'ଣ ଘର ଦେଖିନଥିଲ କି ? ମୋତେ ଏତେ କଥା କହିଲେ ମୁଁ ଏବେ କ'ଣ କରିବି । ସୁଲତା କହିଲେ, ମଲା, ମୁଁ ସିନା ଘର ଦେଖିବାକୁ ଆସିଥିଲି ବୈଖାଶ ମାସ ରୋହରୌଦ୍ର ଖରା ଦିନରେ, ଆଉ ମୋତେ କ'ଣ ଜଣାଥିଲା ଯେ, ବର୍ଷା ଦିନରେ ଏ ଘରେ, ମୁଁ ଏତେ ଅସୁବିଧା ଭୋଗ କରିବି ବୋଲି । ମୋ ମନ ଦୁଃଖ, କିଏ ଜାଣିବ ଜାଣିଲେ ଜାଣୁଥିବ, ସେହି କଳାଠାକୁର, ଯିଏ ବଡବଡ ଆଖିକରି, ବଡ ଦେଉଳର ରତ୍ନ ସିଂହାସନର ଚକାବଇଠି ଉପରେ ଚକାପାରି ବସିଛି । ସୁଲତାଙ୍କ କଥା ଶୁଣି, ସୌମ୍ୟକାନ୍ତ ଟିକିଏ ନରମି ଯାଇ କହିଲେ, ଯାହାତ ହେଲାଣି ହେଲାଣି, ଏହି ଘରକୁ ଆସିଛେ ଯେତେବେଳେ, ଆଉ ଦୁଇତିନି ମାସ ରହି, ଭଲ ଘର ଖଣ୍ଡିଏ ମିଳିଲେ, ଏ ଘର ଛାଡିଦେବା କହି ଚାଲିଗଲେ ସୌମ୍ୟକାନ୍ତ ।

ବୋଉ, ବୋଉ, ଡାକଶୁଣି, ବୁଲିପଡି ଚାହିଁଲେ ସୁଲତା ।

କଥା କ'ଣ କି ଉପର ଘରୁ ପାଣିରେ ଲହଡା ମାରୁଥିବା ପକ୍କା ପାହାଚରୁ ଓହ୍ଲାଇ ଆସି ବୋହୂ ଅନୀତା ଡାକୁଛି । ସୁଲତା ପଚାରିଲେ କ'ଣ ହେଲାକି, ମା' ତୁ କେତେ, ବ୍ୟସ୍ତତା ଭିତରେ ଥିଲାପରି ଜଣାପଡୁଛୁ ? ବୋଉ ମ ... ପକ୍କା ଛାତରୁ ପାଣି ପଡୁଛି ଯେ, ବେଡରୁମ ପଲଙ୍କର ଶେଜ ପଟାସବୁ ଓଦା ହୋଇଗଲାଣି, ଝରକାରେ କାଚଟା ନଥିବାରୁ ବାହାରପଟୁ ବର୍ଷା ପାଣି ପଡି ଘର ସାରା ଓଦା । ଏତେବେଳକୁ କାମସାରି ଟିକିଏ ଗଡିବାକୁ ଯାଇଥିଲି ଯେ, ଗଡିବା କଥା ଦୂରେଥାଉ ବସିବାକୁ ମଧ୍ଯ ଜାଗା ନାହିଁ । ଅନୀତା ଠାରୁ ସବୁ ଶୁଣିସାରି, ସୁଲତା, କହିଲେ, ରାଜାକୁ ମୁଁ, କେତେଥର କହିଲିଣି, ଘର ମାଲିକକୁ ଏସବୁ କଥା ଜଣେଇଦେବା ପାଇଁ । ସେ, ତ...ଜମା ଶୁଣୁନି । ମୋ ହାତରେ କ'ଣ ଅଛିଯେ, ମୁଁ କରିପାରିବି । କେବଳ ଏହି ଘର ଛାଡିଲେ ଯାହା ହେବ । ତୁ ଯାଆ ମା, ତଳଘରେ ଟିକିଏ ଗଡିପଡିବୁ । ସୁଲତାଙ୍କ କଥାଶୁଣି ଅନୀତା, ତଳଘରକୁ ଚାଲିଗଲା । ଏସବୁ ଥିଲା ଘରର ବର୍ଷା ଦିନିଆ ଝାମଲା ।

ଖରାଦିନରେ ମଧ୍ୟ କି ସୁବିଧା ମିଳିବ ଯେ, ଭାବୁଥିଲେ ସୁଲତା । ବର୍ଷାଦିନରେ ଦେହରୁ ଝାଳ ବୋହି ଯାଉଛି, ଆଉ ଖରାଦିନ କଥା ନ କହିଲେ ଭଲ । ଲମ୍ବା ଘରଟାରେ, କବାଟ ମାଳମାଳ, ସତେ ଯେମିତି, ଫିଲମ୍ ସୁଟିଙ୍ଗ ଘର । ବାହାର ପଟ କବାଟ ବନ୍ଦ କରିଦେଲେ, ଘର ଭିତର କିଟି କିଟିଆ ଅନ୍ଧାର ଲାଗିବ, ଯେମିତି ରାତି ହୋଇଗଲାଣି । ଦିନ ଦ୍ୱିପହରରେ ବିଜୁଳି ଆଲୁଅ ଜାଳିବା ନିହାତି ଆବଶ୍ୟକ ହେଉଥିଲା । ନହେଲେ ଅନ୍ଧାରରେ ବାଟ ଦିଶୁନଥିଲା । ତା' ଛଡା ଘରେ, ଜନ୍ଦା, ପିମ୍ପୁଡି ଆଉ ଉଇମାନଙ୍କର ପ୍ରାଦୁର୍ଭାବ ବେଶୀ ଥିଲା । ଲୁଗାପଟା, ଶେଜ, ମସିଣା ତକିଆରେ ପିମ୍ପୁଡି ଭର୍ତି ହୋଇଯାଉଥିଲେ । ଏପରିକି, କାନ୍ଥ ବାଡରେ ପିମ୍ପୁଡିମାନେ ଧାଡି ଧାଡି ହୋଇ ଚାଲି ନିଜର ଶୃଙ୍ଖଳା ରକ୍ଷା କରୁଥିଲେ । ସେମାନେ ଭାବୁଥିଲେ, ସତେ ଯେମିତି ଏଘରଟି ସେମାନଙ୍କ ପାଇଁ ବୈକୁଣ୍ଠ ଭୁବନ ।

କିସ ବାହୁନିବି ଖଜୁରୀ ଗଛକୁ, ମୂଳରୁ ପାହାଚ ପାହାଚ ।

ପୁଅବୋହୂର ଘର ବୋଲି, ଉପର ତଳ ହୋଇ ଦୁଇଟି ଗାଧୁଆ ଘର ଥିବା ଦେଖି ପ୍ରଥମେ ଭାରି ଖୁସି ହୋଇ ଯାଇଥିଲେ ସୁଲତା । ହେଲେ ତଳଘରର, ଗାଧୁଆ ଘରଟି, ଘର ନୁହେଁ, ଗୋଟିଏ ପଙ୍କୁଆ ପୋଖରୀ । ପଙ୍କୁଆ ପାଣିର ଉକ୍ରଟ ଗନ୍ଧ ଘରସାରା ଖେଳି ଯାଉଥିଲା । ଗାଧୁଆ ଘରଟିକୁ ସଫା କରିବା ପାଇଁ ସୁଇପରକୁ ଡାକି ଡାକି ରୁମ୍ ସ୍ପ୍ରେ କିଣି ରାଜା ବ୍ୟସ୍ତ ହୋଇ ପଡୁଥିଲା । କଥାରେ ଅଛି ପରା, "ଭଲହେବ ବୋଲି କପିଳାସ ଗଲି, ଲୁଗାପଟା ନାହିଁ ଶୀତରେ ମଲି", ଏମିତିକା ଘରେ ମଣିଷ ରୋଗୀ ହୋଇଯିବନି ତ, ଆଉ କ'ଣ କହି ସୁଲତା ମନଦୁଃଖରେ ବସି ପଡିଲେ ।

ସମୁଦୁଣୀ.. ସମୁଦୁଣୀ.. ଡାକଶୁଣି, ସୁଲତା ଉଠିପଡି ଚାହିଁ ଦେଖିଲେ, ବଡଝିଅ ଗୀତୁର ଶାଶୁ ଆସିଥିଲେ ଘର ଦେଖିବାକୁ । ଘରକୁ ଦେଖୁ ଦେଖୁ ସେ କହି ପକାଇଲେ, ଘରକୁ ଚାହିଁ ଭଡା ଅଧିକା ହୋଇଗଲା, ଆମପଟେ ଭାରି ସୁବିଧାରେ ଭଲ ଘର ମିଳୁଛି ।

ମୁଁ ବୁଝିଦେବି, କହିଲେ ସମୁଦୁଣୀ, ସୁଲତା କହିଲେ ନାହିଁ ସମୁଦୁଣୀ, ଲକ୍ଷ୍ମୀସାଗରରେ ଘରଭଡା ନେଲେ, ରାଜାର ଦୋକାନ, ରିତୁର ଅଫିସ୍ ବହୁତ ଦୂର ହୋଇଯିବ । ଏହି ପାଖାପାଖି ଯେବେ ଘର ମିଳନ୍ତା, ତେବେ ରହିଯାଆନ୍ତୁ । ଗଲାବେଳକୁ ସମୁଦୁଣୀ ପଦିଏ କଥା କହିଲେ, ଶୀଘ୍ର ଏଘର ଛାଡ । ସୁଲତାଙ୍କର ନନା ବୋଉ, ଭାଉ ଭାଉଜ, ବନ୍ଧୁ ବାନ୍ଧବ ଏପରିକି ପୁରୁଣା ସାଇ ପଡିଶା ଲୋକମାନଙ୍କ ଠାରୁ ତୁରନ୍ତ ସେହିଘର ଛାଡବୋଲି ଖବର ଆସୁଥିଲା । ପୁରୀ ବୋଉ ଫୋନ୍ କରି କହୁଥିଲା, ସୁଲୁ, ତୁ ପରା କହୁଥିଲୁ, ଭାରି ବଢିଆ ଘରବୋଲି, ଏତେ ଅସୁବିଧାରେ ସେହିଘରେ କେମିତି ରହିଛୁ କିଲୋ...? କଥାରେ ଅଛି, ଚୋର ମା' ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ । କହି ସୁଲତା ଉପର ଘରକୁ ଚାଲିଗଲେ । ବୋର୍ଡ କଲୋନୀର ପରିବେଶ ଯେମିତି ଥିଲା, ଏଠାର ପରିବେଶ ଥିଲା ସମ୍ପୂର୍ଣ୍ଣ ଓଲଟା ।ସକାଳୁ ସୂର୍ଯ୍ୟ ଉଦୟ ହେବାଠାରୁ ରାତିରେ ଶୋଇଲା ପର୍ଯ୍ୟନ୍ତ ଘର ଭିତରେ ରାଜା, ରିତୁ, ଗୀତୁର ସାଙ୍ଗମାନଙ୍କର ଗହଳ ଚହଳ ଲାଗି ରହୁଥିଲା ।

ଘରର ସାମନାଟି ଥିଲା କଲୋନୀ ପିଲାମାନଙ୍କର ଗୋଟିଏ ଛୋଟକାଟିଆ ଖେଳ ପଡିଆ । ସମବୟସୀ ଝିଅମାନଙ୍କର ଗୀତ, ପଦ୍ୟାନ୍ତର, ସ୍ତ୍ରୀ ଲୋକମାନଙ୍କର ପରସ୍ପର ହସଖୁସି କଥାବାର୍ତା ଭାବିଲେ, ସୁଲତାଙ୍କର ଆଖିରୁ ଲୁହ ଗଡି ପଡୁଥିଲା । ବୋର୍ଡ କଲୋନୀ ଛାଡି ଭଡା ଘରକୁ ଆସିଲାବେଳେ, ସେଠାର ସମସ୍ତଙ୍କର କାନ୍ଦୁରା ମୁହଁ ସୁଲତାଙ୍କର ମାନସପଟରେ ନାଚି ଯାଉଥିଲା । ଏଠାରେ, ଏମିତି ପରିବେଶତ ମିଳିଲାନି, ଭଡାଘରକୁ ଆସିଲୁ ଯେ, ପଡୋଶୀ ମାନେ ମେଳାପୀ ନଥିଲେ, ଯେତିକି ପ୍ରଶ୍ନ ପଚାରିବ, ସେମାନଙ୍କର ଠାରୁ ସେତିକି ପ୍ରଶ୍ନର ଉତ୍ତର ମିଳୁଥିଲା ।

ବାହାରୁ କାହାର ପାଦ ଶବ୍ଦ ଶୁଣି ପଛକୁ ଚାହିଁଲେ ସୌମ୍ୟକାନ୍ତ । ସୁଲତା.. ସୁଲତା, ଦେଖ.. ଦେଖ ତୁମ ଭାଇ ଦୀପୁ, ଘର ଦେଖିବାକୁ ଆସିଲାଣି । ନୂଆ ଘରେ ନୂଆ ପ୍ରକାର ରୋଷେଇ କରି ଶଳା ସାହେବଙ୍କର ଖାଇବା ପାଇଁ ବ୍ୟବସ୍ଥା କର, କହିଲେ ସୌମ୍ୟକାନ୍ତ ।

ସୌମ୍ୟକାନ୍ତଙ୍କ କଥାଶୁଣି ସୁଲତା କହିଲେ, ହଁ, ହଁ ଭଡାଘରଟା ଯଦି ଗୋଟିଏ ରାଜଉଆସ ହୋଇଥାଆନ୍ତା, ତେବେ ତୁମେ ବାଜା ବଜାଇ, ଶଙ୍ଖ ଫୁଙ୍କି ଶଳାକୁ ଅଭିନନ୍ଦନ ଜଣାଇଥାଆନ୍ତ... ନୁହେଁ । ହଇରେ ଦୀପୁ, ଘର ଖବର ସବୁ ଭଲତ ? ହିଁ ନାନୀ ଘରେ ସମସ୍ତେ ଭଲ ଅଛନ୍ତି, ମୁଁ ତୋ'ର ଭଡାଘର ଦେଖିବାକୁ ଚାଲିଆସିଲି, ହଉ, ଗୋଡହାତ ଧୋଇ ଡ୍ରେସ୍ ବଦଳିପକା କହି ଦୀପୁ ହାତକୁ ଟାୱାଲଟା ବଢାଇଦେଲେ ସୁଲତା, ଦୀପୁ ଗୋଡହାତ ଧୋଇସାରି ସବୁ ଘର ବୁଲି ବୁଲି ଦେଖିଲାପରେ ଆସି କହିଲା, ଧେତ୍ ତେରିକେ ନାନୀ, ଏମିତି ଘରେ କେମିତି ରହୁଛ କେଜାଣି । ମୁଁ ହୋଇଥିଲେ, ଏହି ଘର ଦୁଆର ମୁହଁରୁ ଫେରି ଯାଇଥାଆନ୍ତି । ହଇଲୋ, ନାନୀ କହୁଥିଲୁ ପରା ଛୋଟ ପରିବାର ପାଇଁ ଘର ବହୁତ ଭଲବୋଲି, ତୁ ଏମିତି... ଘର ବାଛିଥିଲୁ ? ସୁଲତା କହିଲେ ହଁ ସମସ୍ତେ ତ ସେହିକଥା କହୁଛନ୍ତି । ତୁ ସେଥିରୁ ବାଦ୍ ଯିବୁ କାହିଁକି, କଥାରେ ନାହିଁ, ହାତରେ ଅର୍ଜିଛି ଭୋଗିବ କିଏ ।ହଉ ଆସିଲୁ ଆସିଲୁ କ'ଣ ଟିକିଏ ଜଳଖିଆ ଖାଇଦେବୁ ।

ଆଲୋ ଅନୀତା, ମାମୁଁ ପାଇଁ କିଛି ଜଳଖିଆ ଆଣିଲୁ କହି ରୋଷେଇ ଘରକୁ ଚାଲିଗଲେ ସୁଲତା । ଫ୍ରିଜ୍ ରୁ ଶାଗ କାଢି, ବାଛି ବସିଲା ବେଳକୁ ଫୋନ୍ ରିଙ୍ଗ୍ ହେଲା କ୍ରିଂ ...କ୍ରିଂ ...କ୍ରିଂ ...। ଫୋନ୍ ରିଙ୍ଗ୍ ହେବା ଶୁଣି, ଡାକ ଛାଡିଲେ ସୁଲତା, ରାଜା, ରିତୁ, ଅନୀତା, ଆରେ କିଏ ଅଛ ଫୋନ୍ ରିଙ୍ଗ୍ ହେଉଛି ପରା...। ରିତୁ ଦୌଡିଯାଇ, ଫୋନ୍ ରିସିଭର୍ ଉଠାଇ, ହ୍ୟାଲୋ... ହ୍ୟାଲୋ... କିଏ ନାନୀ, ନାନୀ କହୁଛୁ... ? ଶାଗ ବାଛିବା ପାଖରୁ ଉଠିଆସି ସୁଲତା କହିଲେ ରିତୁ, କିଏ ଫୋନ୍ କରିଛି କିଲୋ...? ରିତୁ କହିଲା, କିଏ ଆଉ ଫୋନ୍ କରିବଯେ ନାନୀ, ନାନୀ ଫୋନ୍ କରିଛି । ଗୀତୁ ଫୋନ୍ କରିଛି, ସେ କ'ଣ କହୁଛି, ସୁଲତା ପଚାରିଲେ । ରିତୁ କହିଲା, ନାନୀର ଖାଲି ଗୋଟିଏ କଥା, ଦେହ ସମସ୍ତଙ୍କର ଭଲ ଅଛି, ଆଉ ଘର କେବେ ଛାଡୁଛ...? ବୁଝିଲୁ ରିତୁ, ଏଣିକି ଏହି ଭଡାଘର ବିଷୟରେ ବାଟଘାଟ ମଧ୍ୟ କଥା କହିବେ, କଥାରେ ଅଛି ପରା...? "ପଡିଛି ଶନି ଦଶା ଶନି ସପତା, ଚାଲିଲା ବାଟ ମୋତେ କହୁଛି କଥା ।"

ନାହିଁଲୋ ବୋଉ, ଏହି ଘରକୁ ଛାଡିଦେଲେ, ତୋତେ ଆଉ କିଛି କହିବେନି... ବୁଝିଲୁ କହିଲା ରିତୁ । ରିତୁ କଥା ଶୁଣି ସୌମ୍ୟକାନ୍ତ କହିଲେ, ହଁ ରିତୁ, ଏଘରେ ଜମା ଚଳିହେବନି, ତୋ'ର ରାଜାର ଏବେଠାରୁ ଘର ଖୋଜିବାରେ ଲାଗିପଡ ।

ରାଜା ଘର ଖୋଜି ଖୋଜି ଘରଟିଏ ପାଇବାରୁ, ସେହି ଘରକୁ ଚାଲିଗଲୁ । ସେହି ଘରଟିରେ ମଧ୍ଯ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ସେଥିପାଇଁ ସେହିଘର ଛାଡି ଆଉ ଗୋଟିଏ ଘରେ ଭଡା ରହିଲୁ । କିଛିଦିନ ପରେ ସେହି ଘର ତା'ମାନେ ତିନି ନମ୍ବର ଘରକୁ ମଧ୍ଯ ଛାଡିବାକୁ ପଡିଲା କାହିଁକିନା, ରାଜାର ଅଢେଇ ବର୍ଷର ଝିଅ ରୋଜୀର କାନ୍ଦ ଶବ୍ଦରେ ମାଲିକ ମାଲିକାଣୀ ଶୋଇ ପାରୁନଥିଲେ । ସେମାନଙ୍କର ଶୋଇବାରେ ବ୍ୟାଘାତ୍ ସୃଷ୍ଟି ହେଉଥିଲା । ସେଥିପାଇଁ ମାଲିକ ଘର ଛାଡ ବୋଲି କହିଲେ । ଘର ଛାଡିଲାବେଳେ ସୁଲତା କହିଲେ, ଯେଉଁ ମନୁଷ୍ୟମାନଙ୍କୁ ଗୋଟିଏ କୁନିପିଲାର କାନ୍ଦିବା ଶବ୍ଦ

ଅସହ୍ୟ ହୁଏ, ସେହି ମନୁଷ୍ୟ, ମନୁଷ୍ୟ ପଦବାଚ୍ୟ ନୁହେଁ, ସେମାନଙ୍କୁ ଅମଣିଷ, ବିବେକହୀନ ବୋଲି କୁହାଯିବ । ସୁଲତାଙ୍କ କଥାଶୁଣି ସୌମ୍ୟକାନ୍ତ କହିଲେ, ସୁଲତା ଏହିଘର ଆମର ନିଜଘର ନୁହେଁ, ଭଡାଘର, ବୁଝିଲ ଭଡାଘର । ହଁ, ସେଇଥିପାଇଁ ନୁହେଁ, ଆଉ କ'ଣ ? କହିଲେ ସୁଲତା । ତିନି ନମ୍ବର ଘର ଛାଡିଲା ପରେ, ଆଉ ତିନୋଟି ଘର ମଧ୍ୟ ଭଡାରେ ରହିବା ପାଇଁ ପଡିଥିଲା । କିନ୍ତୁ କେଉଁ ଘରର ବାର୍ଥରୁମ୍ ର ନଳା ଖରାପ ହୋଇ, ଘରସାରା ଶିଉଳି ଲାଗି, ଏମିତି ଖସଡା ଖସଡା ହୋଇଥିଲାଯେ, ପାଦ ପକାଇଲେ ଗୋଡ ଖସି ଯାଉଥିଲା । ଆଉ କେଉଁ ଘରେ ଲାଟ୍ରିନ୍ ଚୋକ୍ ହୋଇ ଅଖାଦ୍ୱାରା ବନ୍ଦ କରାଯାଇଥିଲା । କେଉଁ ଘରେ ବଡବଡ ପାହାଡି ଗାତୁଆ ମୂଷା ବହୁତ ଉପଦ୍ରବ କରୁଥିଲେ, ଘରର ସବୁ ଜିନିଷ ପତ୍ର କାଟି ନଷ୍ଟ କରି ଦେଉଥିଲେ । ରାତିହେଲେ ମୂଷାମାନେ ଧାଡିଧାଡି ହୋଇ ଧାଁ ଧପଡ କରୁଥିଲେ । ଏପରିକି, କେତେ ମୂଷା ଘର ଭିତରେ ମରିକରି ପଡୁଥିଲେ । ମୂଷା ଦାଉ ରକ୍ଷା

ପାଇବା ପାଇଁ ସେହି ଘରଟି ଛାଡିବା ପାଇଁ ବାଧ୍ୟ ହେଲୁ । କେଉଁ ଘରର ମାଲିକ, ପାଣି କମ୍ ସାରିବା ପାଇଁ ତାଗିଦା କରୁଥିଲେ ତ, କେଉଁ ଘର ମାଲିକ, ପାଣି ପାଇଁ ପରିବାରର ସବୁ ସଦସ୍ୟଙ୍କର ମୁଣ୍ଡ ପିଛା ପଚାଶ ଟଙ୍କା ନେଉଥିଲେ । ଏମିତିକି ଘରକୁ ବନ୍ଧୁବାନ୍ଧବ ମାନେ ଆସିଲେ, ସେମାନଙ୍କୁ ଗଣତି କରି ପାଣି ପାଇଁ ପଚାଶ ଟଙ୍କା ଲେଖାଏଁ ଦେବାପାଇଁ ମାଲିକ କହିଯାଉଥିଲେ । ସେଇୟା ମଧ୍ୟ ହେଉଥିଲା । ବନ୍ଧୁବାନ୍ଧବମାନେ ଆସିଲେ, ସୌମ୍ୟକାନ୍ତ ସେମାନଙ୍କ ପାଇଁ ପାଣିଟଙ୍କା ଦେଉଥିଲେ । ତା'ପରେ ପୁଣି ଘର ଖୋଜା ବ୍ୟବସ୍ଥା ଚାଲିଲା । ହେ, ଭଗବାନ, ଏତେଥର ସବୁ ଜିନିଷ ପତ୍ର କଢାକଢି, ବନ୍ଧାବନ୍ଧି ଆଉ ନୂଆ ଘରେ ସଜ୍ଜାସଜ୍ଜି କରିବା ପାଇଁ ପରିବାରର ସମସ୍ତଙ୍କୁ ଭାରି କଷ୍ଟ ହେଉଥିଲା । ସୁଲତା ସୌମ୍ୟକାନ୍ତଙ୍କୁ କହିଲେ, ବୁଝିଲ, ଘର ଛାଡିବା କଥା ଭାବିଲେ, ମୋର ଆଉ ଧୈର୍ଯ୍ୟ ରହୁନି, ମୋତେ ଭାରି ବ୍ୟସ୍ତ ଲାଗୁଛି । ସୌମ୍ୟକାନ୍ତ କହିଲେ, ତୁମେ ବ୍ୟସ୍ତ ହେଲେ କ'ଣ ହେବ ।

ଆମକୁ ଘର ଛାଡିବାକୁ ହିଁ ପଡିବ । ସୁଲତା କହିଲେ, ନିଜ ଘର ଥାଇ ମଧ୍ୟ ଆମେ ଏମିତି ଯାଯାବର ଜୀବନଯାପନ କରିବା ପାଇଁ ବୋଧେ ଭାଗ୍ୟରେ ଲେଖା ଅଛି । କଥାରେ ଅଛି – "କରମରେ ଅଛି କୋଚିଲା ଫଳ, ଭୁଞ୍ଜିବସି କିଆଁ ମନରେ ଭାଳ...।"

ଛଅ ନମ୍ବର ଘର ଛାଡିଲେ ପରେ, ସୁଲତା ନିଜେ ଘର ଖୋଜିଖୋଜି ପାଖାପାଖି ଘରଟିଏ ପାଇଲେ ଏବଂ ସେହି ଘରେ କିଛି ସମସ୍ୟା ନଥିବ ବୋଲି ସେ ଭାବିଥିଲେ । କିନ୍ତୁ ସେହି ଘରେ ମଧ୍ୟ ସମସ୍ୟା ଥିଲା ସତ, ହେଲେ ସେ ସମସ୍ୟା ଗୁଡିକ ଚଳନୀୟ ଥିଲା । ଘରର ମାଲିକ ବହୁତ ଭଲ ଥିବାରୁ, ଛୋଟଛୋଟ ଅସୁବିଧାକୁ ଖାତିରି ନକରି, ସେହି ଘରେ, ଏବେ ଆମେମାନେ ନିଜଘର ପରି ଚଳୁଛୁ । ବିଶେଷତଃ, ଘରଟି ସନ୍ତସନ୍ତିଆ ଯୋଗୁଁ ପରିବାରର ସମସ୍ତେ ଥଣ୍ଡା ରୋଗରେ ଘାରି ହେଉଥିଲେ । ରିତୁ, ସୌମ୍ୟକାନ୍ତଙ୍କୁ କହିଲା, ବାପା ଏ ଘରେ କାହାର ଦେହ ଭଲ ରହୁନି,

ଏ ଘରେ ରହିବାନି ଘର ଛାଡିଦେବା । ରାଜା କହିଲା, ଘର କ'ଣ ସାଙ୍ଗେ ସାଙ୍ଗେ ମିଳିଯିବ, ତା'ଛଡା, ସବୁ ଭଡାଘରେ ଏମିତି ବିଭିନ୍ନ ପ୍ରକାର ଅସୁବିଧା ରହିବ । ମୁଁ ଘର ଖୋଜୁଛି, ଯଦି ଭଲ ଘର ମିଳିଯିବ, ତେବେ ଏହିଘର ଛାଡିଦେବା, କହିଲା ରାଜା । ସୌମ୍ୟକାନ୍ତ କହିଲେ, ପ୍ରକୃତରେ ସବୁ କ୍ଷେତ୍ରରେ ଭଲ ଘରଟିଏ ମିଳିଲା ପର୍ଯ୍ୟନ୍ତ ଏହି ଘରେ ନିଜ କର୍ମକୁ ଆଦରି ରହିବା । ସୌମ୍ୟକାନ୍ତଙ୍କ କଥାଶୁଣି, ସୁଲତା କହିଲେ, ସତରେ କ'ଣ ଆମକୁ ଭଲ ଭଡାଘରଟିଏ ମିଳିବ । ମିଳିବ ମିଳିବ ସୁଲତା, ସଂସାରରେ ମାଆ, ବାପାଙ୍କୁ ଛାଡିଦେଲେ, ଆଉ ସବୁ ଜିନିଷ ମିଳିବ । ତୁମେ ଖାଲି ଧୈର୍ଯ୍ୟ ଧରି ଅପେକ୍ଷା କରି ରହ, ଦେଖିବ, କେମିତି ନିଖୁଣ ନିଖୁଣ ଘରଟିଏ, ଭଗବାନ ଆମକୁ ନିଶ୍ଚୟ ଦେବେ କହିଲେ ସୌମ୍ୟକାନ୍ତ । ସୌମ୍ୟକାନ୍ତଙ୍କର କଥାଶୁଣି ଅନୀତା କହିଲା, ବାପା, ଆମେ ଆଉ ଏଣିକି ଭଡାଘରେ ରହିବାନି । ଭୁବନେଶ୍ୱରରେ ଘରଟିଏ କିଣିଦେବା । ରାଜା କହିଲା, ବାପା, ଅନୀତା ଯାହା କହିଲା ଠିକ୍ କଥା କହିଲା ।

ରିତୁ କହିଲା, ବାପା, ଭାଇନା ଭାଉଜ ଯାହା କହିଲେ ମୁଁ ମଧ୍ୟ ସେଥିରେ ଏକମତ । ଆମେ ସେଇୟା କରିବା, ଘରଟିଏ କିଣିଦେବା । ରାଜା କହିଲା, ହଁ ଘରଟିଏ କିଣି, ଘର ସାମନାରେ ନେମପ୍ଲେଟ ରେ, ସୌମ୍ୟକାନ୍ତ ଭବନ ବୋଲି ଲେଖିଦେବା । ରିତୁ କହିଲା, ନାହିଁ ଭାଇନା, ବାପା, ବୋଉଙ୍କ ନାଁ ଅନୁସାରେ ଘରର ନେମ୍ ପ୍ଲେଟରେ, ଏସ୍.ଏସ୍. ଭବନ ଲେଖିଦେବା । ବାପା, ମୁଁ ଠିକ୍ କଥା କହିଲିନା, କହିଲା ରିତୁ । ହଁ ହଁ ରିତୁ, ତୁ ଠିକ୍ କଥା କହିଲୁ । ସୌମ୍ୟକାନ୍ତ, ସୁଲତାଙ୍କୁ କହିଲେ, ଶୁଣ ସୁଲତା, ସେହି ସରସ ସୁନ୍ଦର ନୂଆ ଘରେ ଆମେ ବେଶ୍ ଜାକ୍ ଯମକରେ ରିତୁର ବାହାଘର କରିଦେବା, ନାଁ କ'ଣ କହୁଛ...? ହଁ ହଁ, ତୁମେ ଯାହା କହିଲ ସେଇୟା କରିବା, କହିଲେ ସୁଲତା । ସୌମ୍ୟକାନ୍ତଙ୍କର କଥାଶୁଣି ସମସ୍ତେ ହୋ ହୋ ହୋଇ ହସି ଉଠିଲେ ।

ସୁଖ କହିବି କି ଦୁଃଖ କହିବି, ନା ଯାହା ଅଙ୍ଗେ ଲିଭାଇଛି ତାହା କହିବି ।

ବାସ୍ତବିକ୍ ସୁଲତା ଭଡାଘରେ ତାଙ୍କର ଅଙ୍ଗେ ଲିଭାଇଥିବା କଥାକୁ ଲୋକଲୋଚନକୁ ଆଣି ଆତ୍ମଶାନ୍ତି ଲାଭ କରିଛନ୍ତି ।

*****

ପ୍ରାଚୀ ବିହାର, ପଳାଶୁଣି, ଭୁବନେଶ୍ୱର



# ଭାଇ

ସତ୍ୟ ରଞ୍ଜନ ମିଶ୍ର

"ଭାଇରେ, କେମିତି ଅଛୁ ?" ଫୋନ ଆରପଟୁ ମାମା ପଚାରିଲା । ହଁ ମାମା, ମୁଁ ଭଲରେ ଅଛି । ତୁ କେମିତି ଅଛୁ ? ପରଦିନ ରାକ୍ଷୀପୂର୍ଣ୍ଣିମା ତୋର ମନେ ଅଛି ଟି ? ତୁ କେତେବେଳେ ଆସିବୁ ? "ଫୋନ ଏପଟୁ ବିକାଶ କହିଲା । "ହଁ ଭାଇ ଭଲରେ ଅଛି ଯେ କିନ୍ତୁ.." "କିନ୍ତୁ ପୁଣି କଣ ?" କ୍ଷମା କରିବୁ, ଭାଇ...ଏ ବର୍ଷ ମୁଁ ଯାଇ ପାରିବିନି । ତୁ ତ ଜାଣିଚୁ ରାହୁଲଙ୍କର କେତେ କାମ । ଦିଲ୍ଲୀରୁ ଭୁବନେଶ୍ୱର ଗୋଟେ ଦିନ ପାଇଁ ଯାଇକି ଫେରିବା ଭାରି କଷ୍ଟ ହେବ । ତୁ ଦୟାକରି, ମନ ଦୁଃଖ କରିବୁନି । ମୁଁ ଡାକରେ ରାକ୍ଷୀ ପଠେଇ ଦେଇଛି । ପହଁଚିଲେ ପିନ୍ଧିଦେବୁ । ଭଉଣୀ ବାହାଘର ପରେ ତ ଏଇଆ ହୁଏ ଆଉ ମୁଁ କଣ କରିପାରିବି ।

"ହଁ ଯେ, କିନ୍ତୁ.. ହଉ, ଭାଇ ରଖୁଛି... ପରେ କଥା ହବା । ରାହୁଲ ଆସିଲେଣି ମୁଁ ଯାଉଛି, ହେଲା" ,"ଆରେ ଆରେ ଟିକେ ଶୁଣୁ "...ଓହୋ, ଫୋନଟାକୁ କାଟିଦେଇ ପଳେଇଲା । ଟିକେ ଶୁଣିବା ଅବସ୍ଥାରେ ନାହିଁ ।

***********

ଆଜି ହଉଛି ରାକ୍ଷୀପୂର୍ଣ୍ଣିମା । ସକାଳ ଜଳଖିଆ ଖାଇବାକୁ ଟେବୁଲ ପାଖରେ ବସିଛି ବିକାଶ । ହେଲେ ପାଟିକୁ ଖାଦ୍ୟ ନେଇପାରୁନି । ପତ୍ନୀ ସୋନାଲି ବୁଝାଉଛି, "ଆରେ, ଏମିତି ଚୁପ ଚାପ କାଇଁ ବସିଛ ? ଖାଇ ଦଉନା । ମୁଁ ଜାଣିଛି ତୁମର ମାମା କଥା ମନେ ପଡୁଛି । ହେଲେ କଣ କରିବା । ସେ ତ ଏବେ ବାହା ହେଇଯାଇଛି । ତାର ଏବେ ଗୋଟେ ନୂଆ ଜୀବନ ହେଲାଣି ନା । ଘର ପାଖ ହେଇଥିଲେ ସିନା ତୁମେ ତା ଘରକୁ ପଳେଇଥାନ୍ତ ।

ଯେମିତି ମୋ ଭାଇ ଲିକୁ ସବୁବର୍ଷ ଆସୁଛି । ହେଲେ ତମ ଭଉଣୀ ତ ଯାଇ ଦିଲ୍ଲୀରେ ବାହାହେଲା । ସେ ପୁଣି ନିଜ ପସନ୍ଦର ପିଲାକୁ । ଯାହାର କାମ ଭଲକୁ ସିଏ ଭଲ । ସିଏ କଣ ମାମାକୁ ନେଇକି ଆସିବ ନା ସେ ତମ ହାତରେ ରାକ୍ଷୀ ବାନ୍ଧିବ ? ତୁମେ ମୋ କଥା ମାନ । ଜଳଖିଆ ଖାଇଦିଅ । ମୋର ସିଆଡେ ଦୁନିଆଁ କାମ । ଆଉ ଟିକେ ପରେ ଲିକୁ ଆସି ପହଞ୍ଚିବ । ଜଲଦି ଜଲଦି ଖାଇଦିଅ । ମୁଁ ଅସିଲାବେଳକୁ ଯେମିତି ପ୍ଲେଟ ସଫା ହେଇଯାଇଥିବ, ବୁଝିଲ । ବିକାଶ ଖାଇବା ଥାଳିକୁ ଚାହିଁଲା ଆଉ ଭାବିବାକୁ ଲାଗିଲା ପିଲାଦିନର ସେ ସ୍ମୃତି କୁ । ମାମା ଜନ୍ମ ହେଲାବେଳକୁ ବିକାଶକୁ ହେଇଥିଲା ୭ବର୍ଷ ବୟସ । ମାମା ଜନ୍ମ ହେଲାପରେ ଯଦି କିଏ ସବୁଠୁ ବେଶି ଖୁସି ହେଇଥିଲା ତାହେଲେ ସେ ହେଲା ବିକାଶ । କାରଣ ତାକୁ କେହି ଜଣେ ଏଥର ଭାଇ ବୋଲି ଡ଼ାକିବ । ତା ହାତରେ ରାକ୍ଷୀ ବାନ୍ଧିବ । ଏକଥା ଭାବି ବିକାଶ ବହୁତ ଖୁସି ହେଇଥିଲା ।

ଆହୁରି ବେଶୀ ଖୁସି ହେଲା ସେଇଦିନ ଯୋଉଦିନ ମାମା ତା ଛୋଟିଆ ପାଟିରେ ଖନେଇ ଖନେଇ ବିକାଶକୁ ଭାଇ ବୋଲି ଡାକିଥିଲା । ମାମା ଆଉ ଟିକେ ବଡ ହେଇ ଯେତେବେଳେ ତା କୁନି କୁନି ପାଦରେ ପାଉଁଜି ପିନ୍ଧି ରୁଣୁଝୁଣୁ ଶବ୍ଦ କରି ଭାଇ ଭାଇ ବୋଲି ଡାକି ବିକାଶ ଆଡକୁ ହାତ ଟେକି ଦଉଥିଲା, ସେତେବେଳେ ବିକାଶ ତାକୁ ଶୂନ୍ୟେ ଶୂନ୍ୟେ କାଖେଇ ନେଇ ଗେଲ କରିଦେଉଥିଲା ଆଉ ପକେଟରୁ କାଢି ବଜାରରୁ ଆଣିଥିବା ଚକଲେଟ ତାକୁ ଦଉଥିଲା । ମାମା ଖୁସି ହେଇ ଚକଲେଟକୁ ନେଇ ଯାଉଥିଲା ଆଉ ଘର ଯାକ ଚିଲେଇ ଚିଲେଇ କହୁଥିଲା କି ମୋ ଭାଇ ମୋ ପାଇଁ ଚକଲେଟ ଆଣିଛି ।

କିଛି ଦିନପରେ ମାମା ସ୍କୁଲକୁ ପଢିବାକୁ ଗଲା । ସାଙ୍ଗ ସାଥି କିଏ ଟିକେ କଲମ ମାଗିଲେ ସେ ନଦେଇ କହୁଥିଲା ଏ କଲମ ମୋ ଭାଇ ମୋ ପାଇଁ ଆଣିଛି ମୁଁ କାହାକୁ ଦେବିନି । ଯଦି ସ୍କୁଲରେ କିଏ କିଛି କହୁଥିଲା କି ହଇରାଣ କରୁଥିଲା ତାହେଲେ ସେ ତାକୁ କହୁଥିଲା ରହ ଯେ

ମୁଁ ମୋ ଭାଇକୁ କହିଦେବି ସେ ତୋତେ ମାରିବ । ଭାଇ ଥିଲା ମାମା ପାଇଁ ସୁରକ୍ଷା ବଳୟ । କିଛି ବର୍ଷ ପରେ ଯେତେବେଳେ ମାମା ସପ୍ତମ ଶ୍ରେଣୀରେ ପଢିଲା ସେତେବେଳେ ଭାରି ଦୁଷ୍ଟ ହେଲା । ସ୍କୁଲରୁ ଘରକୁ ଫେରି ଭାଇ ସାଙ୍ଗରେ ଲାଗିବାକୁ ତାକୁ ଭଲ ଲାଗୁଥିଲା । ଭାଇର ଜୋତା ଲୁଚେଇଦେବା, ବହି ଥାକ ଅସଜଡ଼ା କରିଦେବା, ମୋବଇଲ ଫୋନ ନେଇଯିବା ଇତ୍ୟାଦି ଥିଲା ତାର ନିତି ଦିନିଆ ବଦମାସି । ଏଇ ବଦମାସି ପାଇଁ ବେଳେବେଳେ ବିକାଶ ଠୁ ଚଟକଣୀ ଖାଇ କାନ୍ଦିଛି ସେ । କିନ୍ତୁ ସେ ଜାଣିଥାଏ ଭାଇ ମାରିଛି ମାନେ ଆଉ ଟିକେ ପରେ ଆସି ବୁଝେଇବ । କାନ ଧରି ଉଠବସ ହବ ଆଉ ଚକଲେଟ ବି ଆଣିକି ଦବ । ଆଉ ସେଇଥିପାଇଁ ମାମାର ବଦମାସି ଜମା କମୁ ନଥିଲା । ରାକ୍ଷୀ ପୂର୍ଣ୍ଣିମାରେ ସକାଳୁ ଗାଧେଇ ପାଧେଇ ଭାଇକୁ ପୂଜା କରିବ ବୋଲି ବସି ଯାଉଥିଲା । ଭାଇ ହାତରେ ରାକ୍ଷୀ ବାନ୍ଧିଲା ପରେ ଭାଇଠୁ ପାଉଥିଲା ବହୁତ ଚକଲେଟ୍ ।

*****

ବିରିଡି, ଜଗତସିଂହପୁର



# ଦୁଇଟି ସମାନ୍ତରାଳ ସରଳରେଖା

ତପସ୍ଵିନୀ ଦାଶ ଷଡଙ୍ଗୀ

ସଂଧ୍ୟା ସମୟରେ ବାଲ୍କୋନିରେ ବସି ପୂର୍ଣ୍ଣମୀର ଜହ୍ନକୁ ଦେଖି ନିଜକୁ ହଜାଇ ଦେଇଛି ଅତୀତର କିଛି ସ୍ମୃତିରେ ନିଶୀଥା । ନିଜ ହୃଦୟର କାନଭାସରେ ସାଇତି ରଖିଥିବା କିଛି ଅକୁହା ମୁହୂର୍ତ୍ତକୁ ଯେଉଁଥିରେ ରହିଥିଲା ଅନାବିଳ ପ୍ରେମ ଆକାଶ ପ୍ରତି । ତାହା ବାରି ହୋଇ ଯାଉଥିଲା ତା ଆଖିର ଲୁହ ଧାରରୁ । ସେଦିନ ଘନିଷ୍ଠ ବାନ୍ଧବୀ ସୁଚିତ୍ରା ତା ପାଇଁ ବିବାହ ପ୍ରସ୍ତାବ ନେଇ ଆସିଥିଲା ଆକାଶ ସହିତ । ଆକାଶ ଆସିଥିଲା ତାକୁ ଦେଖିବାକୁ ତା ପରିବାର ସହିତ । ଆକାଶ ଥିଲା ଏକ ପ୍ରତିଷ୍ଠିତ କମ୍ପାନୀର ଚାଟାର୍ଡ ଆକାଉଟାଣ୍ଟ । ଦେଖିବାକୁ ସୌମ୍ୟ ସୁନ୍ଦର ଯୁବକ । ସେ ବି ନିଶୀଥାର ସୌନ୍ଦର୍ଯ୍ୟରେ ନିଜକୁ ହଜାଇ ଦେଇଥିଲା । ପ୍ରଥମ ଦେଖାରେ ଉଭୟ ପରସ୍ପରକୁ ମନ ଦେଇ ଦେଇଥିଲେ । ତା ପରେ ଉଭୟ ମିଶି ତିଆରି କଲେ ସ୍ୱପ୍ନର ଅସଂଖ୍ୟ ସୌଧମାନ । ପ୍ରେମକାଶର

ଦୁଇଟି ପ୍ରେମ ପକ୍ଷୀର ପରିଚୟ ନେଇ ଉଡି ବୁଲିଲେ । ଏମାନଙ୍କ ସମ୍ପର୍କ ବୋଧେ ଏ ଦୁନିଆକୁ ମଞ୍ଜୁର ନଥିଲା । ସବୁ ସ୍ୱପ୍ନ ଚୁରମାର୍ ହୋଇଗଲା କଳାମେଘର ଆଗମନରେ । ହଠାତ୍ ସୁଚିତ୍ରା ଆସି କହିଲା ଆକାଶର ବାପା ବିବାହରେ ରାଜି କିନ୍ତୁ ପ୍ରତିବଦଳରେ ଦରକାର ଲକ୍ଷାଧିକ ଟଙ୍କା ଆଉ ସୁନା ଗହଣା । ନିଶୀଥାର ବାପା ଜଣେ ସାଧାରଣ କିରାଣୀ । ତାଙ୍କ ପକ୍ଷେ ଏହା ଅସମ୍ଭବ । ଯଦିଓ ସେ ଧାର କରଜ କରି ଦେଇପାରିବେ ତଥାପି ସେ ଏ ଯୌତୁକ ପିପାଶୁ ରାକ୍ଷସଙ୍କ ହାତରେ ଅଲିଅଳି ଝିଅକୁ ଟେକି ବାକୁ ଚାହିଁଲେ ନାହିଁ । ନିଶୀଥା ନୀରବଦ୍ରଷ୍ଟା ହୋଇ ରହିଗଲା ବାପାଙ୍କ ସପକ୍ଷ ନେଇ । ଆକାଶର ବାପା ଜାଣି ନଥିଲେ ତାଙ୍କର ଏ ନିଷ୍ପତି ଦୁଇଟି ନିରୀହ ଚଢେଇଙ୍କ ଡେଣା କାଟିଦେବ । ଆକାଶ ତାକୁ ଅନେକ ବୁଝାଇଲା ଚାଲ ଆମେ ଅନେକ ଦୂରକୁ ଚାଲିଯିବା ଆଉ ଏକ ଜାଗାରେ ନୂଆ ବସା ବାନ୍ଧିବା । ନିଶୀଥା ରାଜି ନଥିଲା କହିଥିଲା ପାରିବ ଯଦି ତୁମ ବାପାଙ୍କୁ ବୁଝାଅ । ମୁଁ ତୁମ ସହିତ ଯାଇ ପାରିବିନି ମୋ ବାପା ବୋଉଙ୍କ ଭଲ ପାଇବା ଓ ତ୍ୟାଗକୁ ପାଦରେ ଦଳି ଯାଇ ପାରିବିନି ।

ସେଦିନ ନିଶୀଥାର ଦୃଢୋକ୍ତି ଆଗରେ ଆକାଶ ଭିତରେ ସମ୍ମାନ ବଢି ଯାଇଥିଲା ଗୋଟେ ଝିଅର କର୍ତ୍ତବ୍ୟ ଆଉ ଦାୟିତ୍ୱବୋଧ ଆଗରେ । କିଛି ମାସ ବ୍ୟବଧାନରେ ସେ ସୁଚିତ୍ରା ଘରକୁ ଯାଇଥିଲା ଆଉ ସେଠାରେ ଏକ ନିମନ୍ତ୍ରଣ ପତ୍ର ଉପରେ ନଜର ପଡିଲା । ଆଉ ସେଥିରେ ଥିବା ନାମକୁ ଦେଖି ସେ ଅନୁଭବ କଲା ଯେମିତି ତା ପାଦ ତଳୁ ମାଟି ଖସି ଯାଉଛି । କିଛି ସମୟ ସ୍ତବ୍ଧ ହୋଇ ରହିଲା ପରେ ଅମାନିଆ ଲୁହ ମାନ ନିର୍ଝରିଣୀ ଝରଣା ପରି ବହି ଚାଲିଲେ । କାଲି ଆକାଶର ବାହାଘର । ସେ ମନ ଭିତରେ ଆକାଶକୁ ପ୍ରଶ୍ନ କରି ଚାଲୁଥାଏ ଆକାଶ ତୁମେ ସତରେ ବିକ୍ରି ହୋଇଗଲ ? ଆମ ଭଲ ପାଇବା ଛଳନା ଥିଲା ? ପ୍ରେମର ଅଥଳ ତରଙ୍ଗରେ ଦିଗହରା କରି ଆଉ କାହା ମଥାର ସିନ୍ଦୁର ହୋଇଗଲ ? ଠିକ୍ ଅଛି ପ୍ରତିଟି ପ୍ରେମରେ ମିଳନ ନଥାଏ । ଆମେ ଦୁଇଜଣ ଦୁଇଟି ସମାନ୍ତରାଳ ସରଳରେଖା ସଦୃଶ ଦଣ୍ଡାୟମାନ । ନିଶୀଥା, ଅନୁରାଗଙ୍କ ସ୍ୱର ବୋଧ ହୁଏ ସେ ଅଫିସରୁ ଆସିଲାଣି । ଏଇ ଭିତରେ ୧୫।୧୬ବର୍ଷ ହୋଇଗଲାଣି ।

ସେ ଆଉ କାହାର ସ୍ତ୍ରୀ । ଅତୀତ ସକାଶେ ସେ ନିଜର ବର୍ତ୍ତମାନ ଆଉ ଭବିଷ୍ୟତକୁ ଅନ୍ଧାର କରିବାକୁ ଚାହୁଁ ନାହିଁ । ଆରେ ଏ କଣ ! ଦୂର ଦିଗ୍ ବଳୟର ଜହ୍ନ ଜୋଛ୍ନା ବାଦଲ ଭିତରେ ଲୁଚି ଗଲେଣି ।

*****

ବେଙ୍ଗାଲୁରୁ



# ବାଳୁଙ୍ଗା

ସରୋଜ ମହାପାତ୍ର

ବାଳୁଙ୍ଗା ଶବ୍ଦର ଆମ ସମାଜରେ ଅତି ପରିଚିତ ଓ ଦୈନନ୍ଦିନ ବ୍ୟବହାର ହେଉଥିବା ଗୋଟିଏ ଅଳଙ୍କାର । ବାଳୁଙ୍ଗା ଶବ୍ଦର ମାନେ ହେଉଛି ଧାନ ଫସଲର ଉଚିତ ଯତ୍ନ ନନେଲେ ଧାନରେ ଠିକ ସମୟରେ ସାର, ଔଷଧ ନପକେଇଲେ, ବିଲରୁ ଅଦରକାରୀ ଗଛ ସବୁ ନବାଛିଲେ ଧାନ କିଆରରେ ସୃଷ୍ଟି ହେଉଥିବା ଗଛର ନାମ ବାଳୁଙ୍ଗା । କିନ୍ତୁ ଆଜିର ଆଧୁନିକ ଯୁଗରେ ବାଳୁଙ୍ଗାର ପରିଭାଷା ବଦଳିଛି । ଘରେଘରେ ସୃଷ୍ଟି ହୋଇଛନ୍ତି ବାଳୁଙ୍ଗା, ଏ ବାଳୁଙ୍ଗା ଧାନ କିଆରୀର ବାଳୁଙ୍ଗା ନୁହେଁ ମଣିଷ ସମାଜର ବାଳୁଙ୍ଗା । ଆଜିର ଦିନରେ ବାଳୁଙ୍ଗାମାନେ ବାଢ଼ିବାର କାରଣ କଣ ? କଣ ପାଇଁ ତାର ଚାରିତ୍ରିକ ଓ ମାନସିକ ସ୍ତରରେ ସେ ବାଳୁଙ୍ଗା ହେଉଛି ସେଥିପ୍ରତି ସଚେତନ ହେବା ନିତ୍ୟାନ୍ତ ଜରୁରୀ ।

ଆଜିର ପିଢ଼ି ପିଲାଟି ଦିନରୁ ପାଉଛି ପୂର୍ଣ୍ଣ ସ୍ୱାଧୀନତା, ସବୁ ପରିବାରରେ ଏବେ ଆଉ ବେଶୀ ଧନର ଅଭାବ ନାହିଁ କିନ୍ତୁ ରହିଛି ସଂସ୍କାରର ଘୋର ଅଭାବ । ପିଲାମାନଙ୍କୁ ସ୍ୱାଧୀନତା ଦେବା ନାଁରେ ପିଲାଟି ଦିନରୁ ତାର ସବୁ ଆବଶ୍ୟକତା ପୂରଣ କରି ଦିଆ ଯାଇଛି କିନ୍ତୁ ସେ ଟିକେ ବଡ଼ ହେଲା ପରେ ସେ ନିଜ ଘରୁ ପାଉଥିବା ସ୍ୱାଧୀନତାକୁ କିପରି ଭାବରେ ବ୍ୟବହାର କରୁଛି ସେଥି ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ । ଆଜିର ଦିନରେ ପିଲା କଲେଜ ଯିବା ପାଇଁ ଅସୁବିଧା ହେବନି ବୋଲି ଘରେ ଦେଉଛନ୍ତି ଗାଡି କିନ୍ତୁ ପିଲା କଲେଜ ଯିବା ନାଁରେ କେଉଁଠି କ'ଣ କରୁଛି ତା ବୁଝିବା ବି ଦରକାର । ପିଲାମାନଙ୍କ ସୁବିଧା ପାଇଁ ଘରେ ଦେଉଛନ୍ତି ଫୋନ, କିନ୍ତୁ ପିଲା ତା'ର ବ୍ୟବହାର କିପରି କରୁଛି ଓ କେଉଁପ୍ରକାରେ କରୁଛି ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ବର୍ତ୍ତମାନର ପିଲାଙ୍କୁ ମିଳୁଛି ଅନେକ ଟଙ୍କା ଖର୍ଚ୍ଚ କରିବା ପାଇଁ, ପିଲାଟି ସେ ଅର୍ଥ କିପରି ଭାବରେ ଖର୍ଚ୍ଚ କରୁଛି, ସେ ପଇସାରେ ନିଶା ଖାଉଛି କି ଠିକ୍ ବାଟରେ ଖର୍ଚ୍ଚ କରୁଛି ସେଥି ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ ।

ଧାନ କିଆରୀରେ ଥରେ ବାଲୁଙ୍ଗା ହେଲେ ଆଉ ଧାନ ଫସଲ ଭଲ ହୁଏନାହିଁ କିନ୍ତୁ ମଣିଷ ସମାଜରେ ବାଲୁଙ୍ଗା ହେଲେ ବି ପୁଣି ବଦଳି ଭଲ ହେବା ପାଇଁ ସୁଯୋଗ ଥାଏ । ଜୀବନରେ ଭୁଲ ହେବ ନିଶ୍ଚିତ କିନ୍ତୁ ଏମିତି ଭୁଲ ନହେଉ ଯାହା ପାଇଁ କ୍ଷମା ମିଳିବା କଷ୍ଟକର, ଆଉ ଯାହା ପାଇଁ ନିଜକୁ ସାରା ଜୀବନ ବାଲୁଙ୍ଗା ଗୋଷ୍ଠୀର ସଦସ୍ୟ ହୋଇ ରହିବା ପାଇଁ ପଡିବ । ଖରାପ ସମୟ ଆସିଛି ଭଲ ସମୟ ନିଶ୍ଚିତ ଆସିବ, ଆଜି ଦୁଃଖ ଅଛି କାଲି ସୁଖ ନିଶ୍ଚିତ ଆସିବ  । ଯେମିତି ଧାନ କିଆରୀର ଯତ୍ନ ଠିକ୍ ରୂପରେ ନିଆ ଗଲେ ଭଲ ଧାନ ଅମଳ ହୁଏ ଠିକ୍ ସେଇପରି ଭଲ କାମ କଲେ ଆଉ ଭଲ ମଣିଷ ହେଲେ ସମାଜରେ ପ୍ରତିଷ୍ଠିତ ନିଶ୍ଚିତ ହେବ । ଯଦି ଚାଷୀ ମନେ ସଚେତନ ହେଲେ ଧାନ ଫସଲ ଭଲ ହେଉଛି ଠିକ୍ ସେହି ପରି ଆମ ଅଭିଭାବକ ମାନେ ଯଦି ଦୁନିଆଁର ସବୁ ପିଲାଙ୍କୁ ନିଜ ନିଜର ସନ୍ତାନ ବୋଲି ମାନି ତାଙ୍କୁ ଖରାପ ରାସ୍ତାକୁ ନଯିବା ପାଇଁ କହିବେ, ଆଉ ପିଲାମାନେ ମଧ୍ୟ ସେମାନଙ୍କ କଥାକୁ ପାଳନ କରିବେ ।

ତାହାଲେ ବାଲୁଙ୍ଗା ଶବ୍ଦଟି ଧାନରୁ ଯେମିତି ଲୋପ ପାଇବାକୁ ବସିଲାଣି ଠିକ୍ ସେହିପରି ମଣିଷ ସମାଜରୁ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ ବୋଲି ମୁଁ ନିଶ୍ଚିତ ଭାବରେ କହି ପାରିବି କାରଣ ଏ କଥା ମୁଁ ଅନୁଭବ କରିଛି ମର୍ମେ ମର୍ମେ ଜୀବନର ପ୍ରତିଟି ମୁହୂର୍ତ୍ତରେ ।

*****

ଜଗତସିଂହପୁର



# ଘର

ରାଜେଶ କୁମାର ବାରିକ

ମୁଁ ଦୁହିତା ଦୁଇ କୂଳର ହିତ ସାଧନ କରିବା ମୋର ଜନ୍ମ ହେଲେ ମୁଁ ..? ବାଲ୍ୟ, କୈଶୋର ଆଉ ଯୌବନର ଆରମ୍ଭ ଯାଏ ବାପା ଓ ଯୌବନରୁ ମୃତ୍ୟୁ ଯାଏଁ ସ୍ଵାମୀଙ୍କ ଉପରେ ସାହାରା ହୋଇ ବଞ୍ଚିବି ! ଯିଏ ମାନବ ସମାଜର ସୃଷ୍ଟିରେ ନିର୍ଣ୍ଣାୟକ ଭୂମିକା ତୁଲାଏ ସିଏ ଆଜି ଗୋଟେ ନିର୍ମୂଳୀ ଲତା । ସବୁକିଛି ଭୁଲିଯାଇ ପାହାନ୍ତି ସକାଳର ବସ୍ ଯୋଗେ ବାହାରିଲା ସ୍ଵପ୍ନା ଭୁବନେଶ୍ଵର, ଆଜି କିଛି ଗୋଟେ କରିକି ରହିବ । କ'ଣ କରିବ ? ଘର ....କାହା ପାଇଁ ? ନିଜ ପାଇଁ ଆଉ ନିଜ ଝିଅ ପାଇଁ ! ସ୍ଵାମୀ ...ବାପା....? ଛାଡ.. ସମ୍ପର୍କର ଅଡୁଆ ସୁତା ସବୁଯାକ ପ୍ରଶ୍ନ ଗୁଡାକୁ ଏମିତି ଗୋଲ୍ ଗୋଲ୍ ବୁଲାଇଛି ଯେ ବାହାରକୁ ବାହାରିବାର ପ୍ରଶ୍ନ ହିଁ ଉଠୁନି । ହୁଁ... ଯେମିତି ହେଲେବି ଚାକିରି ଖଣ୍ଡିଏ ଯୋଗାଡ କରିବାକୁ ପଡିବ ।

ଆଉ କେତେ ଦିନ ନିଜର ନିଜତ୍ୱ ହରାଇ ରହିବାକୁ ପଡିବ ଏଇ ସମାଜ ଆଖିରେ ! କଣ୍ଡକ୍ଟର କର୍କ୍କଶ ଶବ୍ଦରେ ପଛପଟ ସିଟରେ ବସିଥିବା ମାଉସୀଙ୍କୁ କହୁଥାଏ ପାଖରେ ପଇସା ନାହିଁ ଯଦି ବସରେ ଉଠୁଛ କାହିଁକି ? ଆଗ ଛକରେ ଓହ୍ଲେଇ ଯିବ ! ନାହିଁ ବାବୁ ତା’ ଆର ଛକରେ ମୋ ବାପଘର ସେଇଠି ଓହ୍ଲେଇ ଯିବି । ହଉହଉ ପରବର୍ତ୍ତୀ ସମୟରେ ଏମିତି କରିବନି ?

ମାଉସୀର ଆଖି ଛଳଛଳ ହୋଇ ଯାଇଥାଏ କିନ୍ତୁ ସେ କାନ୍ଦୁ ନଥାନ୍ତି । ଇଛା ହେଉଥିଲା ସେ କଣ୍ଡକ୍ଟରକୁ ଦୁଇଚାରି ଶୁଣାଇବାକୁ, ହେଲେ ଯିଏ ପ୍ରତ୍ୟକ ଦିନ ବିଷ ପିଇପିଇ ବଂଚିଛି, ମୁଁ ବା କଣ କରିପାରିବି ! ମୋ ପରି ହତଭାଗିନୀଟା । ସେ ବୋଧହୁଏ ନିଜ ଘର କରିପାରି ନାହାନ୍ତି । ଅନ୍ୟଥା କଥାରେ ମୁଁ ଯେବେ ସ୍ୱର ଉଠାଏ ମୋ ସ୍ୱାମୀ କହନ୍ତି ତୁ ତୋ ବାପ ଘରକୁ ଚାଲିଯା । ଯେବେ ବାପାଙ୍କୁ ଏକଥା କହେ ସେ କହନ୍ତି ତୋର ସ୍ୱାମୀଙ୍କ ଘର ହିଁ ତୋର ଘର ସେମାନଙ୍କ

ସହ ଖୁସିରେ ରହ ସବୁ ଠିକ୍ ଠାକ୍ ହୋଇଯିବ । ଭୁବନେଶ୍ୱର ଆସିଗଲା ବୋଧହୁଏ ମୁଁ ଚାଲିଲି ... ଜଗନ୍ନାଥ ଭରସା କଲେ ମୁଁ ମୋର ଘର ନିଶ୍ଚୟ ପାଇ ପାରିବି ।

*****

ଦେବେନ୍ଦ୍ରପୁର, ଅଭଣା, ବାଲେଶ୍ୱର



# ଆତ୍ମୀୟତା

ତମନ୍ନା ନନ୍ଦ

ସେଦିନ ଥିଲା ଶ୍ରାବଣର ଅମାବାସ୍ୟା ରାତ୍ରି । ଅନ୍ଧକାରରେ ପରିପୂର୍ଣ୍ଣ ଥିଲା ଚତୁପାର୍ଶ୍ୱ । ମୁହଁକୁ ମୁଁହ ଦେଖାଯିବା ମଧ୍ୟ ଥିଲା କଷ୍ଟସାଧ୍ୟ । ଟୁକୁନା ଅନେକ ଦିନ ପରେ ନିଜ କର୍ମମୟ ଜୀବନରୁ ବିରତି ନେଇ ଫେରୁଥାଏ ବ୍ରହ୍ମପୁର ସହରରୁ ନିଜ ଜନ୍ମଭୂମି ମାଧପୁର ଗ୍ରାମକୁ । ସେ ଚନ୍ଦନପୁର ଛକରୁ ବସରେ ଓହ୍ଲାଇ ଚାଲିଚାଲି ଯାଉଥାଏ ନିଜ ଗ୍ରାମକୁ । ଚନ୍ଦନପୁର ଛକରୁ ମାଧପୁରକୁ ପ୍ରାୟ ଅଧ କିଲୋମିଟରର ରାସ୍ତା । ଗାଁର ଶେଷ ମୁଣ୍ଡ ଘରଟି ହେଉଛି ସନ୍ତୋଷ ଅଜାଙ୍କର । ସେ ଟୁକୁନାକୁ ଭାରି ଭଲ ପାଆନ୍ତି ସାନଟି ବେଳରୁ । ଟୁକୁନା ମଧ୍ୟ ନିଜ ପ୍ରଥମ ଦରମାରେ ନୁଆ ପିନ୍ଧାଇଛି ଅଜାଙ୍କୁ । ସମୟ ପାଖାପାଖି ଭୋର ଚାରିଟା । ଟୁକୁନା ସନ୍ତୋଷ ଅଜାଙ୍କର ଘର ନିକଟେ ପହଁଚି ସବୁଥର ଭଳି ଏଥର ମଧ୍ୟ ଦେଖିଲା ଅଜା ପିଣ୍ଡା ଉପରେ ବସି ଦୁଇ ଚାରିଟା ଦାନ୍ତକୁ ଦାନ୍ତ କାଠିରେ

ଘଷୁଥିବାର ଓ ଅଜା କେମିତି ଅଛ ବୋଲି ପ୍ରଶ୍ନ କରିଥିଲା କିନ୍ତୁ ସେ ନିରୁତ୍ତର ରହିବାରୁ ଅଜା ତାକୁ ହୁଏତ ଅନ୍ଧାରରେ ଜାଣିପାରୁ ନାହାନ୍ତି ବୋଲି ଭାବି ସକାଳୁ ଅଜାଙ୍କୁ ଦେଖାକରିବାକୁ ଆସିବ ଭାବି ଘରକୁ ଗଲା । ସକାଳୁ ସର୍ବପ୍ରଥମେ ଅଜାଙ୍କୁ ଦେଖା କରିବାକୁ ବାହାରିବା ସମୟରେ ସନ୍ତୋଷ ଅଜା ଆଉ ନାହାନ୍ତି ଏବଂ ସେଦିନ ତାଙ୍କର ଦଶାହକ୍ରିୟା ଥିଲା ବୋଲି ଜାଣିବାକୁ ପାଇ କିଂ କର୍ତ୍ତବ୍ୟ ବିମୁଢ ହୋଇ ଯାଇଥିଲା । ତା' ମନରେ ଦୁଃଖ, ଅଜାଙ୍କୁ ଶେଷ ସମୟରେ ଦେଖି ନ ପାରିବାର ଅସନ୍ତୋଷ ଓ ଏକପ୍ରକାର ଅଜଣା ଭୟ ଖେଳି ଯାଇଥିଲା ।

*****

ପାନ୍ଧଡା, ମୟୂରଭଞ୍ଜ



# ଏକ ଜହ୍ନ ରାତି

ରଶ୍ମି ରଞ୍ଜନ ନାୟକ

ସଂନ୍ଧ୍ୟାର ସମୟ ସରି ଯାଇଥାଏ ଓ ରାତି ସେତେବେଳକୁ ଧୀରେ ଧୀରେ ଆରମ୍ଭ ହେଉଥାଏ । ଝରକା ପାଖରେ ବସି ଦେଖୁଥାଏ ମୁଁ ସେ ଜହ୍ନକୁ । ସବୁଦିନ ପରି ବେଶ ସାଧରଣ ଦିଶୁଥାଏ ସେ ରାତିଟି, ଜହ୍ନର ସେ କିରଣ ଝରକା ଦେଇ ଘରେ ପଡିବା ସହ ଶାନ୍ତିର ଏକ ବାତାବରଣ ସୃଷ୍ଟି କରୁଥାଏ । କୁନିକୁନି ତାରା ମାନେ ଦୂରରେ ଥାଇ କିଛି ନୂଆ କାହାଣୀ ଲେଖୁଥାନ୍ତି ଓ ଖୁସିରେ ଚମକୁ ଥାଆନ୍ତି ମଧ୍ୟ । ସେ ଧୀର ପବନ ଆସ୍ତେ ଆସି ଛୁଇଁଦେଇ ଚାଲି ଯାଉଥାଏ ମୋର ମନକୁ ଓ କ୍ଷଣିକ ପାଇଁ ବିଚଳିତ ହୋଇ ପଡୁଥାଏ ନିରୀହ ମନ ମୋର । ସେ ଶାନ୍ତ ଶୀତଳ ବାତାବରଣ ମଧରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସାମିଲ କରିଦେଇ ଉପଭୋଗ କରୁଥାଏ ପ୍ରକୃତିର ସେ ଅନନ୍ୟ ସୌନ୍ଦର୍ଯ୍ୟକୁ । ଧୀରେ ଧୀରେ ରାତି ବଢିବାକୁ ଲାଗେ ।

ହଠାତ୍ ଏକ ଉଜ୍ଜ୍ୱଳ ଆଲୋକ ଆସି ଦିବସର ଏକ ମରୀଚିକା ସୃଷ୍ଟି କରିଦିଏ, କିଛି ସମୟ ପରେ ଶାନ୍ତ ରହିଥିବା ବାଦଲ ଅସ୍ଥିର ହୋଇ ଉଠେ, ପବନ ନିଜର ପରିଚୟ ବଦଳାଇ ଦେଇ ଦୀର୍ଘ ନାଦରେ ଗତି କରିବାକୁ ଲାଗେ, ହସୁଥିବା ତାରା ସବୁ କୁଆଡେ ଅଦୃଶ୍ୟ ହୋଇଯାଆନ୍ତି, ପ୍ରଚଣ୍ଡ ଘଡଘଡିର ଶବ୍ଦ ମୋ ଛାତିକୁ ଥରାଇ ଦେଉଥାଏ, ସମୟ ବଢିବା ସହ ମନର ଭୟ ମଧ୍ୟ ବଢୁଥାଏ । ଭୟରେ ନୀରବ ରହି ବୋଉକୁ ଅପେକ୍ଷା କରି ରହିଥାଏ ମୁଁ । କିଛି ସମୟ ପରେ ସବୁକିଛି ଠିକ୍ ହୋଇଯାଏ । ବର୍ଷା କମିଯାଏ ଓ ବୋଉ ଖାଇବାକୁ ଡାକେ ଓ ମୁଁ ଚାଲିଯାଏ । କିଛି ସମୟ ପରେ ଆସି ଦେଖେ ସେ ହସୁ ଥିବା ଜହ୍ନଟିର ମୁହଁ ମଳିନ ପଡିଯାଇଥାଏ ଓ ସେ ରାତିର ରୂପ ମଧ୍ୟ ବଦଳି ଯାଇଥାଏ । ଦେଖୁ ଦେଖୁ ରାତି ପାଖାପାଖି ୨ଟା, ଆଖିର ନିଦ ଆଉ ଅନୁମତି ଦେଉନଥାଏ ସେ ଜହ୍ନରାତିକୁ ଦେଖିବା ପାଇଁ ବାସ୍ କିଛି ସମୟ ପରେ କେତେବେଳେ ନିଦ ଆସିଗଲା ଜାଣିପାରିଲି ନାହିଁ ।

*****

ବାଲିପାଟଣା, ଖୋର୍ଦ୍ଧା



# ଦଲକାଏ ଫଗୁଣ

ଶିବ ଚରଣ ମହାପାତ୍ର

ଏକ୍ସକ୍ୟୁଜ ମି..ଟିକେ ଶୁଣିବେ... ?

ଚିତ୍ରା ପଛକୁ ବୁଲି ଚାହିଁ ଦେଖିଲା ଶାନ୍ତ ସରଳ ହସହସ ବଦନରେ ପିଲାଟିଏ ଠିଆ ହୋଇ ତାକୁ ଚାହିଁଛି । ସତେ ଯେମିତି ସେ ଶିଳାପଦ୍ମ ଅଙ୍କିତ କୋଣାର୍କର ଚାରୁ ଚିତ୍ରଲେଖା ଆଉ ସେ ପିଲାଟି ଦର୍ଶନେ ଚକିତ ପାଗଳ ଦର୍ଶକ । ତାକୁ ଦେଖି ଚିତ୍ରା ଯେମିତି ନିଜକୁ ନିଜେ ନିଜ ଭିତରେ ହଜେଇ ବସିଲା ।

"କିଏ ଏ ପ୍ରିୟ ପୁରୁଷ...? ପହିଲି ଦେଖାରେ କଣ ପାଇଁ ସେ ତା' ଆଡକୁ ଏତେ ଆକର୍ଷିତ ହୋଇଯାଉଛି...?

ସେ କଣ ତାକୁ ଆଗରୁ ଜାଣେ...?"

ଏମିତି କେତେକଣ ମନ ଭିତରେ ଘାଣ୍ଟି ଚକଟି ହେଉ ହେଉ ସେ ପିଲାଟି ପୁଣି କହି ଉଠିଲା.." ଆର୍ ୟୁ ସିଙ୍ଗଲ୍..?"

ଏକ୍ସକ୍ୟୁଜ ମି..ଆପଣ କିଏ...! ମୁଁ କାହିଁକି ଆପଣଙ୍କୁ ମୋ ବିଷୟରେ କହିବି..?"

ବାସ୍ ମୋ ବିଷୟରେ ଆପଣ ଜାଣିବେ ବୋଲି ତ ମୁଁ ଆପଣଙ୍କ ସହିତ କଥାବାର୍ତ୍ତା କରୁଛି.. । ତେବେ ମୁଁ କିଏ ଜାଣିବା ପରେ କଣ ମୋତେ ପ୍ରେମ କରିବେ..?

ସିପ୍ରା ହସି ହସି କହିଲା,-"ଆର୍ ୟୁ ମ୍ୟାଡ୍"

"ୟେସ୍..ଆଇ ଆମ୍ ମ୍ୟାଡ୍ । କାରଣ ମୁଁ ଜଣେ ପାଗଳ ପ୍ରେମିକ...ପ୍ରକୃତ ସୌନ୍ଦର୍ଯ୍ୟର ପ୍ରଶଂସକ, ହଁ ଆପଣ ମୋତେ ଏକ ପାଗଳ ମଧୁକର କହିଲେ ଅତ୍ୟୁକ୍ତି ହେବନାହିଁ । ( ତାପରେ ସେ ପିଲାଟି ଖୋକା ଭାଇନାଙ୍କ ସେଇ ପୁରୁଣା ଗୀତ ଗାଇ ଉଠିଥିଲା ) ମୁଁ ଯେ ଏକ ପାଗଳ ଭଅଁର ପରିଚୟ ମୋତେ ମାଗନା...

ଚିତ୍ରା କିନ୍ତୁ ତାକୁ ଅଣଦେଖା କରି ଚାଲି ଆସିବାକୁ ଉଦ୍ୟତ ହେବା ମାତ୍ରେ ପୁନଶ୍ଚ ସେ ପିଲାଟି ବାଟ ଓଗାଳି କହିଲା ,-"ହେ.. କ୍ୟାନ୍ ୟୁ ଗିଭ୍ ମି

ୟୋର୍ ସେଲ୍ ଫୋନ୍ ନମ୍ବର ..?"

-"ନୋ.. ମୁଁ କାହିଁକି ଆପଣଙ୍କୁ ମୋ ସେଲ୍ ଫୋନ୍ ନମ୍ବର ଦେବି...? ଆପଣ କହିଲେ ନା ପାଗଳ ଭ୍ରମର ବୋଲି...ଏ ବଗିଚାର ସୁନ୍ଦରୀ ଫୁଲମାନେ ପାଗଳ ଭ୍ରମର ମାନଙ୍କୁ କେବେ ପ୍ରଶ୍ରୟ ଦିଅନ୍ତିନି ବୁଝିଲେ । ତେବେ ମୋତେ ଯଦି ଲାଗେ ଆପଣଙ୍କ ପାଇଁ ମୁଁ ଏ ଦୁନିଆଁକୁ ଆସିଛି ତେବେ ମୁଁ ନିଜେ ମୋ ନମ୍ବର ଆପଣଙ୍କୁ ଦେଇଦେବି, ଓକେ.. ବାଏ..।" ସେଇ କେଇ ମିନିଟ୍ ର ସମ୍ପର୍କ ଲାଗୁଥିଲା ଯେମିତି ତା'ସହିତ ଯୁଗ ଯୁଗର ବନ୍ଧୁତ୍ୱ ବାନ୍ଧିବା ପାଇଁ ଯଥେଷ୍ଟ..। ଚିତ୍ରା ସେ ପିଲାଟି ପାଖରୁ ଯେତେ ଦୂରକୁ ଦୂର ଆସୁଥିଲା ମନର ବ୍ୟାକୁଳତା ସେତେ ବଢି ବଢି ଚାଲିଥିଲା । ସମୟ ସାଥିରେ ସେ ମଧ୍ୟ ଯେମିତି ସେଇଠି ଅଟକି ଯାଇଛି । ଅଦିନରେ କେହି ତା' ଲହୁଣୀ ବଦନେ ଫଗୁଣର ରଙ୍ଗ ଅବିର ବୋଳିଦେଲା ଅବା ମହମହ ହୋଇ ମହକି ଉଠିଲା ତା' ଚତୁଃପାର୍ଶ୍ୱ..। ସେ ପାଗଳିନୀ ହୋଇ ନିଜ ସାଥେ ନିଜେ କଥା ହୋଇ କାଗଜ ଉପରେ ଏଣୁ ତେଣୁ କ'ଣ

ସବୁ ଗାରେଇ ବସିଲା..

-"ଏଇ..ତୁମେ କହୁଥିଲ ନା ମୁଁ ଯେ ଏକ ପାଗଳ ଭଅଁର ପରିଚୟ ମୋତେ ମାଗନା...

ଠିକ୍ ଅଛି.. ମୁଁ କେବେବି ତୁମ ପରିଚୟ ମାଗିବିନି..ଓକେ..

ଚାହେଁନା ମୁଁ ପ୍ରିୟ ମିଛ ପରିଚୟ
ଅବା ରତି ସୌରାୟନ,
ଚାହେଁନା ମୁଁ ତୁମ ଅଙ୍ଗ ସଙ୍ଗ ପ୍ରେମ
ଅବା କଳଙ୍କିତ ଚିହ୍ନ ॥

ତୁମ ନେତ୍ରବାଣ ସାଜୁ ମୋ ମରଣ
ପିରତି ରହୁ ଜୀବନ୍ତ,
ତୁମେ ସୌରସେନୀ ମୁଁ ରାଇ ମାନିନୀ
ତୁମେ ମୋ ପରାଣ ମିତ ॥

ମୁଁ ଯେ' ଜାଣେନା ତୋ ଘର ଠିକଣା
ହୃଦୟରେ ଯାଗା ଦେଲି,
ଷୋଡଶି ସୁନ୍ଦରୀ ଥିଲି ଏକା ଏକା
ତୋ ହାତରେ ବନ୍ଧା ହେଲି ॥

ମଧୁକର ତୁମେ ନଛୁଇଁ ଛୁଇଁଲ
ହୃଦୟ କନ୍ଦର ମନ,
ନିର୍ଜନ ରାତିରେ ଟାଣିଦେଲ ଅବା
ମଧୁର ମୁରଲୀ ସ୍ୱନ ॥

ପ୍ରତୀକ୍ଷା ଦିଗନ୍ତ କେବେ ହେବ ଅନ୍ତ
କଟେନା ଅଳସୀ ରାତି,
ତୁମ ଆବର୍ତ୍ତନେ ଅନ୍ତରେ ପିରତି
ମଧୁକ୍ଷରା ବାଢେ ତାତି ॥

ଆସନ୍ତ କି' ଥରେ ଭିଜି ସପନରେ
ଓଦା କରି ସାରାଦେହ,
ତୁମ ଆଗମନେ ସଂସାର ଭୁଲନ୍ତି
ତେଜି ମିଛ ମାୟା ମୋହ ॥

ଏମିତି କଣ ସବୁ ଲେଖୁ ଲେଖୁ....

ଚିତ୍ରା'ର ମା' ଆସି କହିଲା ଏଇ ବାୟାଣୀ ବେଳ ଆସି ଦି' ଘଡି ହେଲାଣି ଉଠ୍, ଯା' ଗୋବର ଉଠେଇ ଦାଣ୍ଡ ଦୁଆର ପଅଁରା ମାରିଦେ । ଯେତେ କହିଲେ ବି ସକାଳୁ ଯା ନିଦ ଭାଙ୍ଗୁନି । ଉଠିଲୁ ନା ?

ସକାଳୁ ସକାଳୁ ମା'ର ହମ୍ବା ରଡିରେ ଚିତ୍ରା ମୁହଁ ଆମ୍ବିଳା କରି ବିଛଣା ଛାଡୁ ଛାଡୁ କହିଲା କମ୍ ସେ କମ୍ ସ୍ୱପ୍ନରେ ଫୋନ ନମ୍ବରଟା ଦେଇ ଦେଇଥିଲେ ଭଲ ହେଇଥାଆନ୍ତା । ଧେତ୍...ଏ ଟୋକାଟା ବି ହାତଛଡା ହେଇଗଲା ।

*****

ଚକ୍ରଧରପୁର, କେନ୍ଦୁଝର

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଏକାଦଶ ସଂସ୍କରଣ । ଏହି ଅଗଷ୍ଟ ୨୦୧୯ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana

GET IT ON Google play

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

https://play.google.com/store/apps/details?id=com.debi.prerana